## ସଂକ୍ଷେପରେ

### ଟ୍ରେନରେ ଛାଡ଼ିଥିବା ବ୍ୟାଗ ଫେରି ପାଇଲେ ଯାତ୍ରୀ

**ବ୍ରହ୍ମପୁର ଅଫିସ,୨୭।୧୧:** ହାୱଡା-ଯଶବନ୍ତପୁର ଏକ୍ସପ୍ରେସ ଟ୍ରେନରେ ଛାଡ଼ି ଦେଇଥିବା ଏକ ବ୍ୟାଗ ରେଳବାଇ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀଙ୍କ ସହାୟତାରେ ଯାତ୍ରୀ ରତନ ଦାସ ଫେରି ପାଇଛନ୍ତି। ରତନଙ୍କ ଘର ପଶ୍ଚିମବଙ୍ଗ ଚବିଶିପ୍ରଗଣା କମାରପୁର ଗ୍ରାମ ବୋଲି ଜଣାପଡ଼ିଛି। ବ୍ୟାଗ ଭିତରେ ୫ ହଜାର ଟଙ୍କା, କେତେକ ଲୁଗାପଟା ଓ ଆଇ-କାର୍ଡ ରହିଥିଲା। ଆରପିଏଫ ଥାନାଧିକାରୀ ଦିଲୀପ କୁମାରଙ୍କ ଉପସ୍ଥିତିରେ ଉକ୍ତ ବ୍ୟାଗ ଯାତ୍ରୀଙ୍କୁ ଫେରାଯାଇଛି।

କଲିକତାରେ ଥିବା ଏକ କମ୍ପାନୀରେ ରତନ କାମ କରନ୍ତି। ସେ କମ୍ପାନୀ କାମରେ ବୁଧବାର ବାଲୁଗାଁ ଆସିଥିଲେ। ଟ୍ରେନଟି ବାଲୁଗାଁ ଷ୍ଟେଶନରେ ପହଞ୍ଚିଥିଲା। ରତନ ଓହ୍ଲାଇଥିଲେ। ସେ ତାଙ୍କ ବ୍ୟାଗ ଭୁଲରେ ଛାଡ଼ି ଦେଇଥିଲେ। ସେ ଜାଣିବା ବେଳକୁ ଟ୍ରେନଟି ବାଲୁଗାଁ ଛାଡ଼ି ଦେଇଥିଲା। ପରେ ଯାତ୍ରୀ ଜଣଙ୍କ ଏନେଇ ଆରପିଏଫରେ ଜଣାଇଥିଲେ। ଖବର ପାଇ ବ୍ରହ୍ମପୁର ଆରପିଏଫ ଷ୍ଟାଫ ଏଏସ୍ଆଇଙ୍କୁ ଖବର ଦେଇଥିଲେ।

### ଯୁବ ରେଡ଼କ୍ରସର ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ବ୍ରହ୍ମପୁର ଅଫିସ,୨୭।୧୧:** ବେଲେଶ୍ୱର କନିଷ୍ଠ ମହାବିଦ୍ୟାଳୟ ଯୁବ ରେଡ୍କ୍ରସ୍ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଡ. ଅମିତା ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ହିଞ୍ଜିଳି ଥାନାଧିକାରୀ ଅଭିମନ୍ୟୁ ଦାଶ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମପୁର କ୍ଷେତ୍ର ପ୍ରଚାର ଅଧିକାରୀ ମନମୋହନ ପାଢ଼ୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବେଲେଶ୍ୱର ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରାମକୃଷ୍ଣ ଗୌଡ, ଡ. ସୁଧାଂଶୁ ଶେଖର ସାହୁ, ନୀଳାଞ୍ଚଳ ସାହୁ, ବେଲଗାଁ ସରପଞ୍ଚ ତ୍ରିନାଥ ପାଣିଗ୍ରାହୀ, ଗଣ୍ଡଳା ସରପଞ୍ଚ ସୁଧାଂଶୁ ଶେଖର ସାହୁ ମଞ୍ଚାସୀନ ଥିଲେ। ହିଞ୍ଜିଳି ଥାନାଧିକାରୀ ତଥା ମୁଖ୍ୟଅତିଥି ସରକାରଙ୍କ ସଡକ ସୁରକ୍ଷା ନିୟମାବଳୀ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟରୁ ଏକ ସଚେତନତା ଶୋଭାଯାତ୍ରା ବାହାରିବା ସହ ରାସ୍ତାରେ ଯାତାୟାତ କରୁଥିବା ଚାଳକଙ୍କୁ ହେଲ୍ମେଟ ବ୍ୟବହାର ଓ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଯୁବ ରେଡକ୍ରସ୍ କାଉନସିଲର କାଳୁଚରଣ ନାୟକ ସଂଯୋଜନା କରିଥିବା ବେଳେ ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ଜାତୀୟ ସେବା ଯୋଜନା ପ୍ରୋଗ୍ରାମ ଅଫିସର ମାନସ ରଞ୍ଜନ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

### ବୈଜ୍ଞାନିକ ମନୋଭାବକୁ ଗୁରୁତ୍ୱ ଦିଆଯାଉ

**ବ୍ରହ୍ମପୁର ଅଫିସ୍,୨୭।୧୧:** ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଦର୍ଶନଶାସ୍ତ୍ର ଏବଂ ବି.ଇଡି. ମିଳିତ ଆନୁକୂଲ୍ୟରେ ବୁଧବାର 'ବୈଜ୍ଞାନିକ ମନୋଭାବ ଏବଂ ଅନ୍ଧବିଶ୍ୱାସ' ଶୀର୍ଷକରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଦର୍ଶନଶାସ୍ତ୍ର ବିଭାଗ ମୁଖ୍ୟ ଡ. ଯତିନ ବିଷୋୟୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦର୍ଶନ ଏବଂ ବିଜ୍ଞାନ ମଧ୍ୟରେ ଥିବା ସମ୍ପର୍କ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ଡ. ଧନେଶ୍ୱର ସାହୁ ଯୋଗଦେଇ ବୈଜ୍ଞାନିକ ଚିନ୍ତାଧାରାର ଉତ୍ପତ୍ତି ଓ ବିକାଶ ଉପରେ ଆଲୋକପାତ କରିବା ସହ ଏହି ଚିନ୍ତାଧାରା କିଭଳି ଅନ୍ଧବିଶ୍ୱାସକୁ ମୂଳୋତ୍ପାଟନ କରିବ, ସେ ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ପ୍ରଫେସର ଡ. ପ୍ରତିଭା ହୋତା ବୈଜ୍ଞାନିକ ପଦ୍ଧତିର ଆବଶ୍ୟକତା ଏବଂ ଉପଯୋଗିତା ଉପରେ କହିଥିଲେ। ଅଧକ୍ଷା ପ୍ରଫେସର ଉତ୍ତମା ଜେନା ଅଂଶଗ୍ରହଣ କରି ସମାଜରୁ କିଭଳି କୁସଂସ୍କାର ଦୂରେଇ ଏକ ହେତୁବାଦୀ ଏବଂ ବୈଜ୍ଞାନିକ ଅନୁଚିନ୍ତା ପ୍ରତ୍ୟେକ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉଜ୍ଜୀବିତ ହୋଇପାରିବ, ସେ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା। ବିଭାଗୀୟ ଅଧ୍ୟାପକ ଅଚ୍ୟୁତାନନ୍ଦ ଭୂୟାଁ, ରଶ୍ମିତା ପାଢ଼ୀ ଓ ଭବାନୀ ମହାରଣା ଅଂଶଗ୍ରହଣ କରିଥିଲେ। ଶେଷରେ ବିଭାଗୀୟ ଅଧ୍ୟାପକ ସତ୍ୟରଞ୍ଜନ ମିଶ୍ର ଧନ୍ୟବାଦ ଦେଇଥିଲେ।

■ଦ୍ୱିତୀୟ ଦିନରେ ବସ୍ ମାଲିକ ସଂଘ ଧର୍ମଘଟ

# ଦକ୍ଷିଣାଞ୍ଚଳ ଜିଲ୍ଲାକୁ ଘରୋଇ ବସ୍ ଚଳାଚଳ ବନ୍ଦ

**ବ୍ରହ୍ମପୁର ଅଫିସ,୨୭।୧୧**

ବ୍ରହ୍ମପୁର ହଳଦିଆପଦର ବସ୍ଷ୍ଟାଣ୍ଡରୁ ଘରୋଇ ବସ ଚଳାଚଳ ନେଇ ପ୍ରଶାସନିକ ନିଷ୍ପତ୍ତିକୁ ବିରୋଧ କରି ଗଞ୍ଜାମ ଜିଲା ବସ୍ ମାଲିକ ସଂଘ ବନ୍ଦ ଡାକରା ଯାତ୍ରୀଙ୍କ ପାଇଁ ଯନ୍ତ୍ରଣା ସୃଷ୍ଟି କରିଛି। ସଂଘ ଜିଦରେ ଅଟଳ ଥିବା ବେଳେ ପ୍ରଶାସନ ମଧ ଜିଦ୍‌ରେ ରହିଛି। ଏହା ମଧ୍ୟରେ ଦୁଇଦିନ ଧରି ଛଟପଟ ହେଉଛନ୍ତି ଯାତ୍ରୀ। ସଂଘ ବନ୍ଦକୁ ଚ୍ୟାଲେଞ୍ଜ କରି ପ୍ରଶାସନ ପକ୍ଷରୁ ଯାତ୍ରୀଙ୍କ ପାଇଁ ବୁଧବାରରୁ ସ୍ୱତନ୍ତ୍ର ବସ୍ ସେବା ଆରମ୍ଭ କରାଯାଇଛି। ଏହାସତ୍ତ୍ୱେ ତାହା ଯଥେଷ୍ଟ ହୋଇପାରି ନାହିଁ।

ବ୍ରହ୍ମପୁର ସିଟି ବସ୍ଷ୍ଟାଣ୍ଡ ତଥା ନୂଆବସ୍ଷ୍ଟାଣ୍ଡର ମରାମତି କାର୍ଯ୍ୟ ଆରମ୍ଭ ଆଳରେ ହଳଦିଆପଦର ଷ୍ଟାଣ୍ଡକୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଇବାକୁ ପ୍ରଶାସନ ପକ୍ଷରୁ ନଭେମ୍ବର ୨୦ରେ ନୋଟିସ ଜାରି କରାଯାଇଥିଲା। ମଙ୍ଗଳବାରରୁ ବିଡିଏ ନୂଆବସ୍ଷ୍ଟାଣ୍ଡ ତଥା ସିଟି ବସ୍ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ମଧ ଆରମ୍ଭ କରିଥିଲା। ନିର୍ମାଣ କାର୍ଯ୍ୟ ସରିବା ପର୍ଯ୍ୟନ୍ତ ସମସ୍ତ ଘରୋଇ ବସ୍ ହଳଦିଆପଦର ଷ୍ଟାଣ୍ଡରୁ ଚଳାଚଳ କରିବାକୁ ବିଡିଏ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା। କିନ୍ତୁ ଏହାକୁ ବିରୋଧ କରି ଗଞ୍ଜାମ ଜିଲା ବସ୍ ମାଲିକ ସଂଘ ବନ୍ଦ ଡାକରା ଦେଇଥିଲା। ବୁଧବାର ବସ୍ ମାଲିକ ସଂଘ ବନ୍ଦ ପ୍ରତ୍ୟାଖ୍ୟାନ କରିବା ପରିବର୍ତ୍ତେ ରାଜ୍ୟସ୍ତରରେ ବସ୍ ଧର୍ମଘଟ ପାଇଁ ପ୍ରସ୍ତୁତି ଆରମ୍ଭ କରିଥିବା ମଧ ସୂଚନା ମିଳିଛି। ଏଭଳି ସ୍ଥିତିରେ ପ୍ରଶାସନ ମଧ ନିଜ ନିଷ୍ପତ୍ତିରେ ଅଟଳ ରହିଛି। ବନ୍ଦର ମୁକାବିଲା ପାଇଁ ବୁଧବାରରୁ ସ୍ୱତନ୍ତ୍ର ବସ୍ ସେବା ଆରମ୍ଭ କରିଛନ୍ତି। ବୁଧବାର ସନ୍ଧ୍ୟାସୁଦ୍ଧା ଆହୁରି ଅଧିକ ବସ୍ ଓଏସ୍ଆରଟିସିରୁ ମଗାଯିବା ନେଇ ବିଡିଏ ଉପାଧକ୍ଷ ତଥା ଚକ୍ରବର୍ତ୍ତୀ ସିଂ ରଠୋର ସୂଚନା ଦେଇଛନ୍ତି।



ହଳଦିଆପଦର ବସ୍ଷ୍ଟାଣ୍ଡରେ ରହିଥିବା ଓଏସଆରଟିସି ବସ୍।

■ଆରମ୍ଭ ହେଲା ସ୍ୱତନ୍ତ୍ର ବସ୍ ଚଳାଚଳ
■ନିଷ୍ପତ୍ତିରେ ଅଟଳ ପ୍ରଶାସନ, ବସ୍ ମାଲିକ

**ସ୍ୱତନ୍ତ୍ର ବସ୍ ସେବା**

ପ୍ରଶାସନ ପକ୍ଷରୁ ଓଏସ୍ଆରଟିସି ବସ୍, ସିଟି ବସ୍ ସେବାକୁ ବିଭିନ୍ନ ରୁଟରେ ଚଳାଚଳ କରାଯାଇଛି। ଗୋପାଳପୁର -ବ୍ରହ୍ମପୁର ଯାଉଥିବା ୮ ସିଟି ବସ୍‌କୁ ଦିଗପହଣ୍ଡି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ବ୍ରହ୍ମପୁରରୁ ଛତ୍ରପୁର ଚଳାଚଳ କରୁଥିବା ୮ ବସ୍‌କୁ ଖଲ୍ଲିକୋଟ ପର୍ଯ୍ୟନ୍ତ ଏବଂ କନିଷି ଦେଇ ଯାତାୟାତ କରୁଥିବା ୫ ସିଟି ବସ୍‌କୁ ଟିକିଟି, ପାତ୍ରପୁର ରୁଟରେ ବର୍ଦ୍ଧିତ କରାଯାଇଛି। ହିଞ୍ଜିଳିକାଟୁକୁ ଯାତାୟାତ କରୁଥିବା ୫ ସିଟି ବସ୍‌କୁ ଆସିକା ପର୍ଯ୍ୟନ୍ତ ଚଳାଚଳ କରାଯାଇଛି। ଭଞ୍ଜନଗର, ଫୁଲବାଣୀ, ରାୟଗଡା, ଗଜପତି ଓ କଟକ ରୁଟରେ ୧୬ ଓଏସ୍ଆରଟିସିର ସ୍ୱତନ୍ତ୍ର ବସ ବୁଧବାରରୁ ଚଳାଚଳ କରିଥିବା ବିଡିଏ ପକ୍ଷରୁ କୁହାଯାଇଛି।

■ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା ଦାବି

# ଆଇନଜୀବୀମାନେ ଧାରଣାରେ ବସିଲେ



ଧାରଣାରତ ଆଇନଜୀବୀମାନେ।

**ବ୍ରହ୍ମପୁର ଅଫିସ,୨୭।୧୧**

ବ୍ରହ୍ମପୁରରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ପ୍ରତିଷ୍ଠା ଦାବିରେ ଗଞ୍ଜାମ ଓକିଲ ସଂଘ ତରଫରୁ ଦୀର୍ଘଦିନ ହେଲା ଆନ୍ଦୋଳନ ହୋଇ ଆସୁଥିଲା। ଶତାଧିକ ଓକିଲ ବୁଧବାର ସଂଘ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ପରେ ସେମାନେ ଆନ୍ଦୋଳନର ତରିକା ବଦଳାଇ ଗଞ୍ଜାମ ବାର ସମ୍ମୁଖ ରାସ୍ତା ଉପରେ ଧାରଣାରେ ବସିଛନ୍ତି। ଏହି ଧାରଣାକୁ ଆହୁରି ଅଧିକ ତୀବ୍ରତର କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଆଇନଜୀବୀଙ୍କ ନ୍ୟାଯ୍ୟ ଦାବି ପାଇଁ ବ୍ରହ୍ମପୁରରେ ତୁରନ୍ତ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠା କରିବାକୁ ସେମାନେ ଦାବି କରିଥିଲେ। ପ୍ରତି ମାସର ଶେଷ ୪ ଦିନ ଏଥିପାଇଁ ଗଞ୍ଜାମ ଓକିଲ ସଂଘ ତରଫରୁ କୋର୍ଟ କାର୍ଯ୍ୟ ବର୍ଜନ କରାଯାଉଛି। ଚଳିତ ମାସ ବୁଧବାରରୁ ଓକିଲ କୋର୍ଟ କାର୍ଯ୍ୟରେ ଯୋଗ ନ ଦେଇ ଅହିଂସା ମାର୍ଗରେ ଧାରଣାରେ ବସିଛନ୍ତି ବୋଲି ଓକିଲ ସଂଘ ସଭାପତି ରବୀନ୍ଦ୍ରନାଥ ପାଣିଗ୍ରହୀ ସୂଚନା ଦେଇଛନ୍ତି। ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରେ ଯୋଗଦେବେ ନାହିଁ। ବ୍ରହ୍ମପୁରରେ ହାଇକୋର୍ଟ ବେଞ୍ଚ ପ୍ରତିଷ୍ଠାକୁ ଜାଣିଶୁଣି ବିଳମ୍ବ କରାଯାଉଛି ବୋଲି ସଂଘ ତରଫରୁ ଅଭିଯୋଗ କରାଯାଉଛି। ଏଥିରେ ଗଞ୍ଜାମ ଓକିଲ ସଂଘ ସଭାପତି ରବୀନ୍ଦ୍ର ପାଣିଗ୍ରାହୀ, ସମ୍ପାଦକ କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଉପସଭାପତି ଚିତ୍ତରଞ୍ଜନ ଶତପଥୀ, ଯୁଗ୍ମ ସମ୍ପାଦକ କିରଣ କୁମାର ମଣ୍ଡଳ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୀତବାସ ପଣ୍ଡା ଓ ମନୋଜ ପଟ୍ଟନାୟକଙ୍କ ସମେତ ୨୦୦ରୁ ଉର୍ଦ୍ଧ୍ୱ ଆଇନଜୀବୀ ଧାରଣାରେ ଅଂଶଗ୍ରହଣ କରିଥିଲେ।

■ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ

# ଭାଗନେବାକୁ ୧୨ ଜଣିଆ ଦଳର ଭୁବନେଶ୍ୱର ଗସ୍ତ



ଖେଳାଳିଙ୍କ ସହ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦିକା ଓ ଅନ୍ୟମାନେ ।

**ବ୍ରହ୍ମପୁର ଅଫିସ,୨୭।୧୧**

ଇଷ୍ଟଜୋନ ଆନ୍ତଃ ବିଶ୍ୱବିଦ୍ୟାଳୟ ପୁରୁଷ ଖୋ-ଖୋ ଟୁର୍ନାମେଣ୍ଟ ଆସନ୍ତା ୨୮ତାରିଖରେ ଅନୁଷ୍ଠିତ ହେବ। ଭୁବନେଶ୍ୱର ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଡିସେମ୍ବର ୧ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ଭାଗନେବାକୁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ୧୨ ଜଣିଆ ଦଳ ବୁଧବାର ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି। କୋଚ ଭାବେ ଛତ୍ରପୁରର ସନ୍ତୋଷ କୁମାର ବିଷୋୟୀ ଓ ସରୋଜ କୁମାର ପାଢ଼ୀ ଦଳ ସହ ଗସ୍ତ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟ କ୍ରୀଡା ପରିଷଦ ସମ୍ପାଦିକା ପ୍ରଫେସର ପୁଷ୍ପାଞ୍ଜଳି ସାମନ୍ତରାୟ, ରବି ଚରଣ ମିଶ୍ର, କେ. ରଘୁନାଥ ରେଡ୍ଡୀ, ସୁନୀତା ପାତ୍ର, ରାଜେଶ କୁମାର ମହାନ୍ତି, ଏସ୍. କ୍ରିଷ୍ଣା ରେଡ୍ଡୀ ଓ ପ୍ରଦୀପ୍ତ କିଶୋର ପଟ୍ଟନାୟକ ପ୍ରମୁଖ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

■ଭାରତର ଶ୍ରେଷ୍ଠ ଦକ୍ଷତା ତାଲିମ ଅନୁଷ୍ଠାନ

# ଦିଲ୍ଲୀରେ ବ୍ରହ୍ମପୁର ଆଇଟିଆଇ ପୁରସ୍କୃତ

**ବ୍ରହ୍ମପୁର ଅଫିସ,୨୭।୧୧**

ଭାରତର ଶ୍ରେଷ୍ଠ ଦକ୍ଷତା ଭିତ୍ତିକ ତାଲିମ ଅନୁଷ୍ଠାନ ଭାବେ ବ୍ରହ୍ମପୁର ଆଇଟିଆଇ ପୁରସ୍କୃତ ହୋଇଛି। ନୂଆଦିଲ୍ଲୀରେ ବୁଧବାର ଭାରତ ସରକାରଙ୍କ ଦକ୍ଷତା ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆୟୋଜିତ 'ସ୍କିଲ ଇଣ୍ଡିଆ ସମ୍ମିଟ ଏଣ୍ଡ ଆୱାର୍ଡ' କାର୍ଯ୍ୟକ୍ରମରେ ଆଇଟିଆଇକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳର ଛାତ୍ରୀଛାତ୍ର ତଥା ଯୁବବର୍ଗଙ୍କ ଦକ୍ଷତାର ବିକାଶ, ଆବର୍ଜନାର ପୁନଃ ବ୍ୟବହାର କରି ସ୍କ୍ରାପ ମ୍ୟୁଜିୟମ ଦିଗରେ ବ୍ରହ୍ମପୁର ଏକ ଉଦାହରଣ ପାଲଟିଛି। ଦକ୍ଷତା ବିକାଶ କ୍ଷେତ୍ରରେ ଉଦ୍ୟମ ଓ ସଫଳତା ପାଇଁ ଅନୁଷ୍ଠାନକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଅଧକ୍ଷ ଡ. ରଜତ କୁମାର ପାଣିଗ୍ରାହୀ ଦକ୍ଷତା ବିକାଶ ମନ୍ତ୍ରୀ ମହେନ୍ଦ୍ରନାଥ ପାଣ୍ଡେ, ରାଜ୍ୟ ଦକ୍ଷତା ବିକାଶ ମନ୍ତ୍ରୀ ରାଜ କୁମାର ସିଂହଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି।

### ମେଡିକାଲ୍ କର୍ମଚାରୀମାନେ କରୁଛନ୍ତି ଆମ୍ବୁଲାନ୍ସ ବେପାର

**ବ୍ରହ୍ମପୁର ଅଫିସ୍,୨୭।୧୧**

ବିଭିନ୍ନ ଘଟଣାକୁ ନେଇ ସମାଲୋଚନାର ଶିକାର ହେଉଥିବା ଏମ୍‌କେସିଜି ମେଡ଼ିକାଲ୍ ଘରୋଇ ଆମ୍ବୁଲାନ୍ସ ସର୍ଭିସ ସଂଘ ବୁଧବାର ଏକ ଖବରଦାତା ସମ୍ମିଳନୀରେ ନିଜ ପକ୍ଷ ରଖିଛନ୍ତି। ସେମାନଙ୍କ କହିବାନୁଯାୟୀ, ୨୦ବର୍ଷ ହେଲା ୨୦ ମାଲିକ ୩୦ ଆମ୍ବୁଲାନ୍ସ ଜରିଆରେ ଲୋକଙ୍କୁ ସେବା ଯୋଗାଇ ଦେଉଛନ୍ତି। ଏପରିକି ସେମାନେ ୭ଜଣ ଫାର୍ମାସିଷ୍ଟ ଏବଂ ୩୦ ଚାଳକଙ୍କୁ ମଧ ନିଯୁକ୍ତି ଦେଇଛନ୍ତି। ସରକାରଙ୍କ ସମସ୍ତ ନିୟମ ମାନିବା ସହ ନିର୍ଦ୍ଧାରିତ ଦର ହିଁ ନେଉଛନ୍ତି। କିନ୍ତୁ ଗତ କିଛି ବର୍ଷ ହେଲା କେତେକ ଘରୋଇ ଟ୍ୟାକ୍ସି ମାଲିକ ଏବଂ ମେଡ଼ିକାଲ୍ କର୍ମଚାରୀ ବେଆଇନ୍ ଭାବେ ଆମ୍ବୁଲାନ୍ସ ବ୍ୟବସାୟ କରୁଛନ୍ତି। ବିଶେଷକରି ମେଡ଼ିକାଲ୍ କର୍ମଚାରୀମାନେ ଏହି ବ୍ୟବସାୟରେ ସମ୍ପୃକ୍ତ ଅଛନ୍ତି। ସେମାନେ ନିଜର ସମ୍ପର୍କୀୟଙ୍କୁ ଏଥିରେ ସାମିଲ୍ କରିଛନ୍ତି। ରୋଗୀ ଗୁରୁତର ଥିଲେ କିମ୍ବା ମୃତ୍ୟୁ ହେଲେ ମେଡ଼ିକାଲ୍ କର୍ମଚାରୀମାନେ ସମ୍ପର୍କୀୟଙ୍କ ଆମ୍ବୁଲାନ୍ସ ଭଡ଼ାରେ ଲଗାଉଛନ୍ତି। କର୍ମଚାରୀମାନେ ଆମ୍ବୁଲାନ୍ସ ନେବା ପାଇଁ ରୋଗୀଙ୍କ ଲୋକଙ୍କୁ ବାଧ କରୁଛନ୍ତି। ଆମ୍ବୁଲାନ୍ସର ଚାଳକମାନେ ବିଭିନ୍ନ ସମୟରେ ଝଗଡ଼ା କରି ରାସ୍ତାରେ ଓହ୍ଲାଇ ଦେଉଛନ୍ତି। କିନ୍ତୁ ସାଧାରଣରେ ଆମକୁ ବଦନାମ କରାଯାଉଛି ବୋଲି ଖବରଦାତା ସମ୍ମିଳନୀରେ ଏମ୍‌କେସିଜି ମେଡ଼ିକାଲ୍ ଘରୋଇ ଆମ୍ବୁଲାନ୍ସ ସର୍ଭିସ୍ ପକ୍ଷରୁ ଅସନ୍ତୋଷ ପ୍ରକାଶ କରାଯାଇଥିଲା। କିଛି ଦିନ ପୂର୍ବେ ଜଣେ ଗର୍ଭବତୀଙ୍କୁ ଟଙ୍କା ପାଇଁ ଆମ୍ବୁଲାନ୍ସ ଚାଳକ ରାସ୍ତାରେ ଓହ୍ଲାଇ ଦେଇଥିଲେ। ଆମ୍ବୁଲାନ୍ସ ଚାଳକଙ୍କ ସହ ଘରୋଇ ଆମ୍ବୁଲାନ୍ସ ସର୍ଭିସ୍‌ର ସମ୍ପୃକ୍ତି ନାହିଁ ବୋଲି ଖବରଦାତା ସମ୍ମିଳନୀରେ କୁହାଯାଇଛି। ମଦନ ପାତ୍ର, ରାଜୀବ ମିଶ୍ର, ଅଶୋକ ମିଶ୍ର ଏବଂ ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଶିବିର

**ବ୍ରହ୍ମପୁର ଅଫିସ,୨୭।୧୧:** ବ୍ରହ୍ମପୁର ମହାନଗର ନିଗମ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବୁଧବାର ଡାଇମଣ୍ଡ ଜୁବିଲି ଟାଉନ ହଲରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ବହୁ ସଂଖ୍ୟକ କର୍ମଚାରୀ ମୁଖ୍ୟତଃ ଡାଇବେଟିସ (ମଧୁମେହ), ରକ୍ତଚାପ ଓ ଅନ୍ୟାନ୍ୟ ପରୀକ୍ଷା କରାଯାଇଥିଲା। ବିଶିଷ୍ଟ ମଧୁମେହ ରୋଗ ବିଶେଷଜ୍ଞ ଡ଼ା. ସୁନୀଲ କୁମାର କୋଟା ଶିବିର ପରିଚାଳନା କରିଥିଲେ। ମହାନଗର ନିଗମ ପକ୍ଷରୁ ହୋଇଥିବା କାର୍ଯ୍ୟକ୍ରମରେ ଡେପୁଟି କମିଶନର ରୋମାଞ୍ଚଳ ଖମାରୀଙ୍କ ସମେତ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ମହାନଗରରେ ୪୦ ୱାର୍ଡ ରହିଛି। ପର୍ଯ୍ୟାୟକ୍ରମେ କେବଳ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ଇତିମଧ୍ୟରେ ଦୁଇଟି ଶିବିର ହୋଇଥିବା ବେଳେ ଏହା ଥିଲା ତୃତୀୟ। ଗୁରୁବାର ଅପରାହ୍ନରେ ବିଏମ୍‌ସି ଅଫିସ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

### କୁଇନ୍ ମିଶନ ଚର୍ଚ୍ଚରେ ମିଶନରାଣୀ ପର୍ବ ଉଦ୍‌ଯାପିତ

**ବ୍ରହ୍ମପୁର ଅଫିସ,୨୭।୧୧**

ବ୍ରହ୍ମପୁର କୁଇନ୍ ମିଶନ ଚର୍ଚ୍ଚରେ ଚାଲିଥିବା ୧୦ ଦିନିଆ କ୍ୟାଥଲିକ ଖ୍ରୀଷ୍ଟିଆନଙ୍କ ପବିତ୍ର ମିଶନ ରାଣୀ ପର୍ବ ବୁଧବାର ଉଦ୍‌ଯାପିତ ହୋଇଯାଇଛି। କ୍ୟାଣ୍ଡେଲ ଶୋଭାଯାତ୍ରାରେ ଶହ ଶହ ଖ୍ରୀଷ୍ଟ ଧର୍ମାବଲମ୍ବୀ ମହିଳା ଓ ପୁରୁଷ ସାମିଲ ହୋଇଥିଲେ। ସୂଚନାଯୋଗ୍ୟ, ସବୁ ଚର୍ଚ୍ଚରେ ଯିଶୁଖ୍ରୀଷ୍ଟଙ୍କୁ ସ୍ମରଣ କରାଯାଉଥିବା ବେଳେ ଏଠାରେ କୁଇନ୍ ମିଶନ ଚର୍ଚ୍ଚରେ ଯିଶୁଙ୍କ ମା' ମାରିୟାଙ୍କ ଦେବାଳୟ ରହିଛି। ମିଶନ ରାଣୀ ପର୍ବ ପ୍ରତିବର୍ଷ ନଭେମ୍ବର ୧୮ରୁ ୨୬ ତାରିଖ ପର୍ଯ୍ୟନ୍ତ ପାଳନ କରାଯାଉଥିବା ବେଳେ ୨୭ ତାରିଖରେ କ୍ୟାଣ୍ଡେଲ ଡେ ପାଳିତ ହେବାର ପରମ୍ପରା ରହିଛି।

କାର୍ଯ୍ୟକ୍ରମରେ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରୁ ଖ୍ରୀଷ୍ଟ ଧର୍ମାବଲମ୍ବୀ ଆଦିବାସୀ ଓ ଅନୁସୂଚିତ ଜାତି ଲୋକେ ପରିବାର ସହ ସାମିଲ ହୋଇଥିଲେ। ୧୯୨୮ ରୁ ଏଠାରେ ଏହି ପର୍ବ ଅନୁଷ୍ଠିତ ହେଉଛି।

**PROCLAMATION REQUIRING THE APPEARANCE OF THE ACCUSED**
**IN THE COURT OF THE HON'BLE XXIV SPECIAL MAGISTRATE, AT HYDERABAD**
C.C. No. 288 OF 2017
Between:
M/s. Godrej Agrovet Limited,
Rep. by its Senior Executive -Legal
Ms. Savitri. K
……….Complainant
And
M/s. Krushi Udyog
Rep. by its Proprietor Sri Manoj Kumar Sahoo
………….. Accused
To,
Sri Manoj Kumar Sahoo
Proprietor of M/s Krushi Udyog
Kuakhia Post,
Jajpur District
Odisha
Whereas the above said complainant has made a complaint under section 138 of N.I. Act against the above said accused and since the accused has failed to appear before this court has issued NBW against the accused and inspite of NBW, the accused has failed to appear before the court. Accordingly the warrant could not be executed and the same has been returned to a warrant of arrest thereupon issued that the said accused cannot be found and whereas it has been shown to my satisfaction that the accused has been absconded and is concealing himself to avoid the service of the said warrant. Hence proclamation is hereby made that the above said accused in C.C.No. 288 of 2017 is required to appear before this court to answer the said complaint on 2nd December 2019 at 10.30 A.M without fail
**(BY ORDER OF THE COURT)**
C.VISHWANATH
Advocate
H.No.17-1-391/2/77,
Vishnu Nagar, Saidabad
Hyderabad-59

■ଅନ୍‌ଲାଇନ୍ କାରବାର ଯୋଗୁ ହେଉଛି କ୍ଷତି

# ବ୍ରହ୍ମପୁରରେ କମିଛି ୪୦ ପ୍ରତିଶତ ବ୍ୟବସାୟ

**ବ୍ରହ୍ମପୁର ଅଫିସ୍,୨୭।୧୧**

ଅନ୍‌ଲାଇନ୍ ବ୍ୟବସାୟ ବା ଇ-କମର୍ସ ଯୋଗୁ ବ୍ରହ୍ମପୁରର ବ୍ୟବସାୟୀଙ୍କ ବ୍ୟାପକ କ୍ଷତି ହେଉଛି। କେବଳ ବ୍ରହ୍ମପୁର ସହରରେ ଦୈନିକ ୪୦ପ୍ରତିଶତ କମ୍ ବ୍ୟବସାୟ ହେଉଛି। ପରିସ୍ଥିତି ଏମିତି ହେଲାଣି କର୍ମଚାରୀଙ୍କୁ ଦରମା ଦେବା କଷ୍ଟ ହୋଇପଡ଼ିଛି। ଅନ୍ୟପଟେ କେବଳ ବ୍ୟବସାୟୀ ନୁହଁ, ଅନ୍‌ଲାଇନ୍ ବ୍ୟବସାୟ ଯୋଗୁ ସରକାର ମଧ ରାଜସ୍ୱ କ୍ଷତି ସହୁଛନ୍ତି। ଏହାର ପ୍ରତିବାଦରେ ବୁଧବାର ଗଞ୍ଜାମ ଚାମ୍ବର ଅଫ୍ କମର୍ସ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି।

ସକାଳେ ଚାମ୍ବର ଅଫ୍ କମର୍ସ କମଲାବାରୀ ସାହିସ୍ଥିତ କାର୍ଯ୍ୟାଳୟରେ ବହୁ ସଂଖ୍ୟାରେ ବ୍ୟବସାୟୀ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ଶୋଭାଯାତ୍ରା ବେଳେ ବ୍ୟବସାୟୀମାନେ ଇ-କମର୍ସ ବିରୋଧରେ ସ୍ଲୋଗାନ୍ ଦେଇଥିଲେ। ଉପଜିଲାପାଳଙ୍କୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଚାମ୍ବର ସଭାପତି ଇପାରୀ ଶିବ ପ୍ରସାଦ ରାଓ ଏବଂ ସମ୍ପାଦକ ଭି.ସନ୍ତୋଷ କୁମାରଙ୍କ କହିବାନୁଯାୟୀ, ବିଭିନ୍ନ ଇ-କମର୍ସ କମ୍ପାନୀ ବିଶେଷକରି ଆମାଜନ୍ ଏବଂ ଫ୍ଲିପକାର୍ଟ ଅତ୍ୟଧିକ ରିହାତି ଦେଉଛନ୍ତି, ଯାହା ଅନ୍ୟମାନଙ୍କ ବ୍ୟବସାୟକୁ ବିପୁଳ କ୍ଷତି କରୁଛି। ଏହା ପ୍ରତ୍ୟକ୍ଷ ପୁଞ୍ଜି ନିବେଶ (ଏଫ୍‌ଡିଆଇ) ପଲିସିର ଉଲ୍ଲଂଘନ କରୁଛି। ଏକ ନିର୍ଦ୍ଦିଷ୍ଟ କମ୍ପାନିର ବିକ୍ରୟ କେନ୍ଦ୍ର ନ ଥିଲେ ମଧ୍ୟ ଇ-କମର୍ସ କମ୍ପାନୀଗୁଡ଼ିକ ସେଇ କମ୍ପାନୀର ସାମଗ୍ରୀ କେଉଁଠାରୁ ଆଣି ସ୍ଥାନୀୟ ଅଞ୍ଚଳରେ ବିକ୍ରି କରୁଛନ୍ତି, ତାହା ସ୍ଥାନୀୟ ବ୍ୟବସାୟୀମାନେ ଜାଣିପାରୁନାହାନ୍ତି। ଅସାଧୁ ଉପାୟରେ ଏଭଳି ବ୍ୟବସାୟ ହେଉଥିବା ଆଶଙ୍କା କରାଯାଉଛି। ଏଥିଯୋଗୁ ବ୍ୟବସାୟୀମାନେ ପ୍ରଚୁର କ୍ଷତି ସହୁଛନ୍ତି। ଅଳ୍ପ କିଛି ବର୍ଷ ଭିତରେ ବ୍ରହ୍ମପୁରରେ ୩୦ରୁ ୪୦ପ୍ରତିଶତ ବ୍ୟବସାୟ କମିଛି। ଅନ୍‌ଲାଇନ ବ୍ୟବସାୟ ଯୋଗୁ ଏହି କ୍ଷତି ହେଉଛି ବୋଲି ସଭାପତି ଇପାରୀ ଶିବ ପ୍ରସାଦ ରାଓ ଏବଂ ସମ୍ପାଦକ ଭି.ସନ୍ତୋଷ କୁମାର ପ୍ରକାଶ କରିଛନ୍ତି।




ଚାମ୍ବର କାର୍ଯ୍ୟାଳୟରୁ ଶୋଭାଯାତ୍ରା ବାହାରୁଛି।

**ପୌର ପରିଷଦ କାର୍ଯ୍ୟାଳୟ, ହିଞ୍ଜିଳିକାଟୁ, ଗଞ୍ଜାମ**

**ନିବେଦନ**

୧ ନଭେମ୍ବର ୨୦୧୯ଠାରୁ ପରିଷଦ ମଧ୍ୟରେ ଏକଥର ବ୍ୟବହାର ହେଉଥିବା ପଲିଥିନ୍ ଏବଂ ପ୍ଲାଷ୍ଟିକ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ନିଷେଦ୍ଧ କରାଯାଇଛି। ଯେଉଁ ବ୍ୟବସାୟୀ କିମ୍ବା ବ୍ୟକ୍ତି ବିଶେଷ ପଲିଥିନ୍ ବା ପ୍ଲାଷ୍ଟିକ୍ ବ୍ୟବହାର କରିବେ ସେମାନଙ୍କୁ ପରିଷଦ ତରଫରୁ ଜୋରିମାନା ଆଦାୟ ସହ କଠିନ ବର୍ଜ୍ୟବସ୍ତୁ ପରିଚାଳନା ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

୧. ବ୍ୟବସାୟିକ ପ୍ରତିଷ୍ଠାନ, ଗୃହ ମାଲିକମାନେ ପ୍ଲାଷ୍ଟିକ୍ ବ୍ୟବହାର କିମ୍ବା ମହଜୁଦ ରଖିଲେ ଜୋରିମାନା ଟ.୫୦୦୦/-
୨. ଘର/ବ୍ୟବସାୟ ପ୍ରତିଷ୍ଠାନ ସାମ୍‌ନାରେ ପ୍ଲାଷ୍ଟିକ ପଲିଥିନ୍, ମଇଳା ଜମାକଲେ ଜୋରିମାନା ଟ.୧୦୦୦/-
୩. ଖୋଲା ଜାଗା, ସର୍ବସାଧାରଣ ଜାଗାରେ ମଇଳା ପକାଇଲେ ଜୋରିମାନା ଟ.୧୦୦୦/-
୪. ଘରୋଇ ପାଇଖାନା ମଇଳା, ଜଳ ନର୍ଦ୍ଦମାକୁ ସିଧାସଳଖ ସଂଯୋଗ କଲେ ଜୋରିମାନା ଟ.୫୦୦୦/-
୫. ସର୍ବସାଧାରଣ ରାସ୍ତା କଡ଼ରେ ଗାଈ, ଛେଳି, ମେଣ୍ଢା ବାନ୍ଧିବା ତଥା ଖୋଲାରେ ଛାଡ଼ିବା ଦ୍ୱାରା ଯାତାୟାତରେ ଅସୁବିଧା ହେଉଥିବା ଯୋଗୁଁ ଗୃହପାଳିତ ପଶୁମାନଙ୍କୁ ନିଜ ନିଜ ଗୁହାଳରେ ରଖନ୍ତୁ ନଚେତ୍ ପରିଷଦ ଦ୍ୱାରା ଜୋରିମାନା ଟ.୫୦୦/-ଆଦାୟ କରାଯିବ।

ଏହି ମହତ୍ କାର୍ଯ୍ୟରେ ସହଯୋଗ ନିମନ୍ତେ ପୌର ପରିଷଦ, ହିଞ୍ଜିଳିକାଟୁ ତରଫରୁ ସମସ୍ତ ଜନସାଧାରଣମାନଙ୍କୁ ଅନୁରୋଧ।

**ଡ଼ଃ ମନୋରଂଜନ ସାହୁ, ଓ.ପ୍ର.ସେ-୧(କ)**
**କାର୍ଯ୍ୟନିର୍ବାହୀ ଅଧିକାରୀ,**
**ପୌର ପରିଷଦ, ହିଞ୍ଜିଳିକାଟୁ, ଗଞ୍ଜାମ ।**

**ଶ୍ରୀ ଲକ୍ଷ୍ମୀକାନ୍ତ ସେଠୀ, ଓ.ପ୍ର.ସେ(ବ)**
**ଅତିରିକ୍ତ ଜିଲ୍ଲାପାଳ, ଗଞ୍ଜାମ, ଛତ୍ରପୁର-ତଥା**
**-ପ୍ରଶାସକ, ପୌର ପରିଷଦ, ହିଞ୍ଜିଳିକାଟୁ**

୩୪

ଧରିତ୍ରୀର ୪୬ତମ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା ।
ଟି. ଝୁଣୁ ବାବୁ
ଯୁବ ବିଜେଡି ସଭାପତି
(ଡାବୁଗାଁ ବ୍ଲକ)

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଅବସରରେ ଏବଂ ୪୬ତମ ଜନ୍ମଦିନ ଉପଲକ୍ଷେ ଧରିତ୍ରୀର ବହୁଳ ସମସ୍ୟାଭିତ୍ତିକ ଓ ସତ୍ୟ ପ୍ରକାଶିତ ଖବର ପାଇଁ ଧରିତ୍ରୀ ସମସ୍ତଙ୍କ ପ୍ରିୟପାତ୍ର ହୋଇଥିବାରୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଏସ୍‌ଏସ୍‌ଡି ହାଇସ୍କୁଲ
ବଡପଦ୍ରା-ସ୍ୱାଭିମାନ ଅଞ୍ଚଳ, ଚିତ୍ରକୋଣ୍ଡା, ମାଲକାନଗିରି

ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ପାଠକ ପାଠିକା, ଲେଖକ ଓ ଜନସାଧାରଣଙ୍କୁ ଶୁଭେଚ୍ଛା
ରାମଚନ୍ଦ୍ର ଖିଲ
ଯୋଗାଣ ନିରୀକ୍ଷକ, ଉମରକୋଟ

ରାଜ୍ୟର ଅଗ୍ରଣୀ ଖବରକାଗଜ ଧରିତ୍ରୀର ସ୍ୱନକ୍ଷତ୍ର ଅବସରରେ ବ୍ଲକବାସୀଙ୍କୁ ଶୁଭେଚ୍ଛା ।
ସୁରେନ୍ଦ୍ର କୁମାର ମିଶ୍ର
ଡାବୁଗାଁ ବ୍ଲକ ବିଜେଡି ସଭାପତି

ଧରିତ୍ରୀ ସ୍ୱନକ୍ଷତ୍ର ଅବସରରେ ଶୁଭେଚ୍ଛା
ଆର. ଶଙ୍କର ରାଓ (ଏମ.ଡି.)
ଲ୍ୟାମ୍ପ୍ସ, ଡାବୁଗାଁ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଅବସରରେ ଏବଂ ୪୬ତମ ଜନ୍ମଦିନ ଉପଲକ୍ଷେ ଧରିତ୍ରୀର ସ୍ୱାଭିମାନ ତଥା ବିଚ୍ଛିନ୍ନାଞ୍ଚଳର ସମସ୍ୟା ଓ ବିକାଶ ପାଇଁ ବହୁଳ ସମସ୍ୟାଭିତ୍ତିକ ଓ ସତ୍ୟ ପ୍ରକାଶିତ ଖବର ପ୍ରସାରିତ ପାଇଁ ଏବଂ ଚିତ୍ରକୋଣ୍ଡାରେ ଧରିତ୍ରୀ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିବାରୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଶ୍ରୀ ସୀତାରାମ ଏଣ୍ଟରପ୍ରାଇଜେସ
ଚିତ୍ରକୋଣ୍ଡା ବସଷ୍ଟାଣ୍ଡ ପାଖ, ଚିତ୍ରକୋଣ୍ଡା, ମାଲକାନଗିରି

ଧରିତ୍ରୀର ୪୬ତମ ଜନ୍ମ ବାର୍ଷିକ ଉପଲକ୍ଷେ ଏହାର ଅଗଣିତ ପାଠିକା/ପାଠକଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ।
ମୟୂରଭଞ୍ଜ ପୁସ୍ତକ ମେଳା କମିଟି

ଧରିତ୍ରୀର ୪୬ତମ ଜନ୍ମଦିନ ଉପଲକ୍ଷେ ଧରିତ୍ରୀର ସ୍ୱାଭିମାନ ତଥା ବିଚ୍ଛିନ୍ନାଞ୍ଚଳର ସମସ୍ୟା ଓ ବିକାଶ ପାଇଁ ବହୁଳ ସମସ୍ୟାଭିତ୍ତିକ ଓ ସତ୍ୟ ପ୍ରକାଶିତ ଖବର ପ୍ରସାରିତ ପାଇଁ ଏବଂ ଚିତ୍ରକୋଣ୍ଡାରେ ଧରିତ୍ରୀ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିବାରୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ପ୍ରଧାନ ଶିକ୍ଷକ ଏବଂ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ
ଟେଙ୍ଗୁମାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ
ଚିତ୍ରକୋଣ୍ଡା, ମାଲକାନଗିରି

ଶ୍ରୀ ସାଇନାଥ ମେଡିକାଲ ଷ୍ଟୋର୍
M/s SRI SAINATH MEDICAL STORE
CHEMIST & DRUGIST
INFRONT OF SRI AUROBINDO SCHOOL
BHEJAPUT, DAMANJODI
KORAPUT, PIN: 763008 (ODISHA)
ALL KINDS OF HUMAN & VETERINARY MEDICINE AVAILABLE HERE
Mob: 9437090229

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛି ।
ତୁଳସୀ କ୍ରିସାନୀ
ଜିଲ୍ଲା ପରିଷଦ ଅଧ୍ୟକ୍ଷା, କୋରାପୁଟ

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଅବସରରେ ଏବଂ ୪୬ତମ ଜନ୍ମଦିନ ଉପଲକ୍ଷେ ଧରିତ୍ରୀର ସ୍ୱାଭିମାନ ତଥା ବିଚ୍ଛିନ୍ନାଞ୍ଚଳର ସମସ୍ୟା ଓ ବିକାଶ ପାଇଁ ବହୁଳ ସମସ୍ୟାଭିତ୍ତିକ ଓ ସତ୍ୟ ପ୍ରକାଶିତ ଖବର ପ୍ରସାରିତ ପାଇଁ ଏବଂ ଚିତ୍ରକୋଣ୍ଡାରେ ଧରିତ୍ରୀ ସମସ୍ତଙ୍କର ପ୍ରିୟପାତ୍ର ହୋଇଥିବାରୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
ଶୁକଦେବ ଫାଉଣ୍ଡେସନ
ଚିତ୍ରକୋଣ୍ଡା, ମାଲକାନଗିରି

DEOMALI PUBLIC SCHOOL
Affiliated to CBSE
At: Beheraguda, Po.: Semiliguda, Odisha
Cell: 09437070065, 09853127125
E-mail: deomalipublicschool@gmail.com
www.deomalipublicschool.edu.in
Mr. Rajendra Kumar Patra
General Secretary
9437070065

See Career Appointment on every Wednesday & Saturday

DIVINE INSTITUTE OF ENGINEERING & TECHNOLOGY
Estd. - 2009
Approved By AICTE, Govt. of Odisha
An ISO 9001 : 2015 Certified Institute, ISTE Member
dietbaripada@gmail.com | www.divinebaripada.org
GOVT. CERTIFIED CIVIL TESTING LAB, REGD. NO : 50/2015 -16
3 Years & LE Diploma Engineering Courses
- MECHANICAL ENGG. 60 SEATS
- CIVIL ENGINEERING 60 SEATS
- ELECTRICAL ENGG. 60 SEATS
- ELECT. & MECH. ENGG. 60 SEATS
At/Po. - Poda Astia | Baripada | Dist - Mayurbhanj | Odisha | Pin - 757049
Mob.- 7440011038 | 7440011004 | 7440011019 | 7440011039 | 7440011011

With best Compliments from:
SONA CHANDI Jewellers
LALBAZAR, BARIPADA, PH-06792-254125

With Best Compliments From:
Anupama Panda
ANUSHRI SHG
Ankadali, Block- Lamtaput, Dist.- Koraput

MAYURBHANJ SCHOOL OF ENGINEERING MSE
Estd. - 1993
Approved by AICTE, Govt. of Odisha
An ISO 9001 : 2015 Certified Institute
msebaripada@gmail.com | www.msebaripada.org
26 Years of Experience in DIPLOMA ENGINEERING
3 Years Diploma Engineering Courses
- MECHANICAL ENGG. .. 120 SEATS
- ELECTRICAL ENGG. .. 120 SEATS
- CIVIL ENGG. .. 120 SEATS
- ETC. ENGG. .. 60 SEATS
- AUTOMOBILE ENGG. .. 60 SEATS
At : Laxmiposi | Po. : Baripada | Dist : Mayurbhanj-757 107 | Odisha
Contact : 7735333303 | 9937382662 | 9439255805 | 9437889433 | 7064835581

Baripada BAZAAR
Smarter | Easier | Cheaper

ଧରିତ୍ରୀର ୪୬ତମ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଉଛି ।
ହୋଟେଲ ସିଏନ୍‌ସି HOTEL CNC
Proprietor: BHAGABAN DORA

With Best Compliments From:
e-Tech Residential Higher Secondary School
Mangalpur, Sadar, Dhenkanal

ଧରିତ୍ରୀର ୪୫ତମ ବର୍ଷ ପୂର୍ତ୍ତି ଅବସରରେ ସମସ୍ତ ପାଠକ ପାଠିକାଙ୍କୁ ଶୁଭେଚ୍ଛା ଜଣାଇବା ସହ ଧରିତ୍ରୀର ଉତ୍ତରୋତ୍ତର କାମନା କରୁଛୁ ।
With Best Complimets From :
KORAPUT FLY ASH & CEMENT BRICKS
(Prop. Rajani Patra) Manabar, Koraput
Cell : 7008893830 // 9937714755 // 9853307399

ଧରିତ୍ରୀର ୪୫ ବର୍ଷ ପୂର୍ତ୍ତି ଅବସରରେ ଏବଂ ୪୬ତମ ଜନ୍ମଦିନ ଉପଲକ୍ଷେ ଧରିତ୍ରୀର ବହୁଳ ସମସ୍ୟାଭିତ୍ତିକ ଓ ସତ୍ୟ ପ୍ରକାଶିତ ଖବର ପାଇଁ ଧରିତ୍ରୀ ସମସ୍ତଙ୍କ ର ପ୍ରିୟପାତ୍ର ହୋଇଥିବାରୁ ଆନ୍ତରିକ ଶୁଭେଚ୍ଛା ଜଣାଉଛି ।
କେ.ଏନ. ସେଠୀ (କାକାଜି ବାବୁ)
ଚିତ୍ରକୋଣ୍ଡା, ମାଲକାନଗିରି

## ସଂକ୍ଷେପରେ

### କାନ୍ଥ ନିର୍ମାଣକୁ ନେଇ ଗଣ୍ଡଗୋଳ, ଜଣେ କୋର୍ଟଚାଲାଣ

**ଗୋପାଳପୁର,୨୭।୧୧:** କାନ୍ଥ ନିର୍ମାଣକୁ ନେଇ ଦୁଇ ପଡ଼ୋଶୀଙ୍କ ମଧ୍ୟରେ ମାରପିଟ ଅଭିଯୋଗରେ ଗୋପାଳପୁର ପୋଲିସ ଜଣେ ବ୍ୟକ୍ତିଙ୍କୁ ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ଏ. ସନ୍ୟାସୀ। ଏନେଇ ପୋଲିସ ନଂ. ୧୩୫/୧୯ ମାମଲା ରୁଜୁ ହୋଇଥିଲା। ଏନ୍ଏସି ଅନ୍ତର୍ଗତ ନୂଆସାହିରେ ପ୍ରିୟଙ୍କା ପାତ୍ର ଓ ତାଙ୍କ ପଡ଼ୋଶୀ ସନ୍ୟାସୀ ଘର ନିର୍ମାଣ କରୁଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ସନ୍ୟାସୀଙ୍କ ପ୍ରିୟଙ୍କାଙ୍କ ମଧ୍ୟରେ କାନ୍ଥ ନିର୍ମାଣକୁ ନେଇ ଝଗଡ଼ା ହୋଇଥିଲା। ସନ୍ୟାସୀ ପ୍ରିୟଙ୍କାଙ୍କୁ ଗାଳିଗୁଲଜ ଓ ଧମ ଦେଇଥିଲେ। ପ୍ରିୟଙ୍କା ଏତଲା କ୍ରମେ ଗୋପାଳପୁର ପୋଲିସ ସନ୍ୟାସୀଙ୍କୁ ଗିରଫ କରିଥିଲା।

### କେଶପୁର ସମିତିସଭ୍ୟା ଉପନିର୍ବାଚନ
### ୫୩.୫ ପ୍ରତିଶତ ମତଦାନ

**ଖଲ୍ଲିକୋଟ,୨୭।୧୧(ଡି.ଏନ.ଏ.):** ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତ ସମିତିସଭ୍ୟା ପଦ ପାଇଁ ବୁଧବାର ଉପନିର୍ବାଚନ ହୋଇଥିଲା। ଏଥିରେ ଶତକଡ଼ା ୫୩.୫ ମତଦାନ ହୋଇଛି। ବିଜେଡି ସମର୍ଥିତ ଉଷାରାଣୀ ଜାଲି କେଟିଲ ଚିହ୍ନ ଓ ଭାଜପା ସମର୍ଥିତ ମାନସୀ ବେହେରା ଷ୍ଟୁଲ ଚିହ୍ନରେ ପ୍ରତିଦ୍ୱନ୍ଦିତା କରିଛନ୍ତି। ଭୋଟରଙ୍କ ମଧ୍ୟରୁ ୨୬୯୧ଜଣ ମତଦାନ କରିଛନ୍ତି। ପୂର୍ବତନ ସମିତିସଭ୍ୟା ସୂର୍ଯ୍ୟମଣି ବୈଦ୍ୟ ଖଲ୍ଲିକୋଟ ବିଧାୟିକା ରୂପେ ନିର୍ବାଚିତ ହେବା ପରେ ଏହି ପଦବି ଖାଲି ଥିଲା। ଖଲ୍ଲିକୋଟ ବିଡିଓ ନବକୃଷ୍ଣ ଜେନା ନିର୍ବାଚନ ପରିଚାଳନା କରିଥିଲେ।

### କୂଅରୁ ନାଗସାପ ଉଦ୍ଧାର

ବୁଗୁଡ଼ା,୨୭।୧୧(ଡି.ଏନ.ଏ.)-ବୁଗୁଡ଼ା ଏନ୍ଏସି ମାଳିଝଲା ମନ୍ଦିର ରାସ୍ତା ପାର୍ଶ୍ୱ କୂଅରୁ ବୁଧବାର ଗୋଟିଏ ୪ ଫୁଟିଆ ନାଗସାପ ଉଦ୍ଧାର କରାଯାଇଛି। ସାପଟି କୌଣସି କାରଣରୁ କୂଅ ଭିତରକୁ ଖସି ପଡ଼ିଥିଲା। ଲୋକେ ଦେଖି ଅଗ୍ନିଶମ ବିଭାଗକୁ ଜଣାଇଥିଲେ, ସେମାନେ ନ ଆସିବାରୁ ସ୍ଥାନୀୟ ଏନ୍ଏସିବାସୀ ଏହାକୁ ଉଦ୍ଧାର କରିଥିଲେ।

### ୧୩ କୋଟି ଗଞ୍ଜେଇ ଗଛ ପୋଡ଼ାଗଲା

**ଆର.ଉଦୟଗିରି,୨୭।୧୧(ଡି.ଏନ.ଏ.):** ଆର.ଉଦୟଗିରି ଥାନା ନୂଆଗଡ ବ୍ଲକ ଅନୁଗୁରୁ ପଞ୍ଚାୟତର ଟାଣ୍ଡରାଙ୍ଗ ଗ୍ରାମ ପାହାଡ ଉପରେ ଲାଗିଥିବା ୬୫ ଏକର ଗଞ୍ଜେଇ ଗଛକୁ ବୁଧବାର ପୋଲିସ ଓ ଅବକାରୀ ବିଭାଗ ପକ୍ଷରୁ ଜାଳିଦିଆଯାଇଛି। ଏହାର ଆନୁମାନିକ ମୂଲ୍ୟ ୧୩ କୋଟି ଟଙ୍କା ହେବ। ଜିଲାପାଳ ଅନୁପ ସାହା, ଏସ୍ପି ସାରା ଶର୍ମା ଏବଂ ଅବକାରୀ ସୁପରଟେଣ୍ଡାଣ୍ଟ ପ୍ରଦିପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ଚଢ଼ାଉ କରାଯାଇଥିଲା। ଚଢ଼ାଉରେ ଆର.ଉଦୟଗିରି ତହସିଲଦାର ସୃତିରଞ୍ଜନ ଶତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଆର.ଉଦୟଗିରି ଏସ୍ଡିପିଓ ଅଶୋକ କୁମାର ମାହାନ୍ତି, ଥାନାଧିକାରିଣି ମମତା ନାୟକ ପ୍ରମୁଖଙ୍କ ସହ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ■ ଜଙ୍ଗଲ ଅଧିକାର ଆଇନକୁ ନେଇ ବଢୁଛି ଅସନ୍ତୋଷ
# ୬୩୧୩ ପରିବାରର ଜମି ଆବେଦନ ନାକଚ

■ମେଳିହେଲେ ଆଦିବାସୀ, ବନବାସୀ
■ଅଧିକାର ପାଇଁ ଦେଲେ ଆନ୍ଦୋଳନ ଡାକରା

**ବ୍ରହ୍ମପୁର ଅଫିସ୍,୨୭।୧୧**

ଗଞ୍ଜାମ ଜିଲାରେ ଜଙ୍ଗଲ ଅଧିକାର ଆଇନ-୨୦୦୬କୁ ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉ ନ ଥିବା ନେଇ ଅନେକ ସମୟରେ ଅଭିଯୋଗ ହେଉଛି। ଜମି ଉପରେ ଅଧିକାର ପାଇଁ ଆଦିବାସୀ ଏବଂ ବନବାସୀଙ୍କ ଆବେଦନକୁ ନାକଚ କରାଯାଉଥିବା ଯୋଗୁ ଆଇନକୁ ନେଇ ଅସନ୍ତୋଷ ବଢୁଛି। ସମ୍ପ୍ରତି ଜିଲାର ୬୩୧୩ ପରିବାରଙ୍କ ଆବେଦନ ନାକଚ ହୋଇଯିବା ପରେ ଏହି ଅସନ୍ତୋଷ ଉଗ୍ରରୂପ ନେଇଛି। ଏକ ବୈଠକରେ ଆଦିବାସୀ ଏବଂ ବନବାସୀମାନେ ସରକାର ତୀବ୍ର ନିନ୍ଦା କରିବା ସହ ଆନ୍ଦୋଳନ ଡାକରା ଦେଇଛନ୍ତି।

ଏହି ଆଇନକୁ ନେଇ ସୁପ୍ରିମକୋର୍ଟରେ ଶୁଣାଣି ବେଳେ ରାଜ୍ୟ ସରକାର ସତ୍ୟପାଠ ଜରିଆରେ ଜଣାଇଥିଲେ, ଓଡ଼ିଶାର ୧୪୮୭୦ ପରିବାରଙ୍କର ଜଙ୍ଗଲ ଜମି ଦାବିପତ୍ର ନାକଚ କରାଯିବ। ସେଥିରୁ ଗଞ୍ଜାମ ଜିଲାର ହେଉଛି ୬୪୦୨ ପରିବାର। ଏହା ବିରୋଧରେ ମର୍ଯ୍ୟାଦାର ସହ ବଞ୍ଚିବାର ଅଭିଯାନ(ସିଏସଡି) ନାମକ ଏକ ସଂଗଠନ ପକ୍ଷରୁ ୨୨ ଜୁଲାଇରେ ବିଧାନସଭା ସମ୍ମୁଖରେ ବିକ୍ଷୋଭ କରାଯିବା ଫଳରେ ରାଜ୍ୟ ସରକାର ପୁଣି ଆଉ ଏକ ସତ୍ୟପାଠ କରି ଜଣାଇଲେ ଯେ, ଓଡ଼ିଶାର ୧୩୮୫୧ ପରିବାରଙ୍କର ଦାବି ପତ୍ର ନାକଚ କରାଯିବ। ସେଥିରୁ ଗଞ୍ଜାମ ଜିଲାର ଭାଗ ହେଉଛି ପାଖାପାଖି ଅଧା ବା ୬୩୧୩। ଏମାନଙ୍କ ମଧ୍ୟରେ ଦିଗପହଣ୍ଡି ବ୍ଲକ ୪୪୯, କୁକୁଡ଼ାଖଣ୍ଡି ୫୫୩, ପାତ୍ରପୁର ୭୮୪, ସାନଖେମୁଣ୍ଡି ୭୧୦, ଚିକିଟି ୪୪, ଛତ୍ରପୁର ୬୬, ଗଞ୍ଜାମ ୫୪୪, ବେଗୁନିଆପଡ଼ା ୧୧, ଖଲିକୋଟ ୧୯୮, ପୋଲସରା ୧୫୪୪, ଭଞ୍ଜନଗର ୨୬୯, ସୋରଡ଼ା ୭୦, ଜଗନ୍ନାଥପ୍ରସାଦ ୯୦, ବୁଗୁଡ଼ା ୧୫୫, ଧରାକୋଟ ୭୮୦, ଶେରଗଡ଼ ୨୩, ବେଲଗୁଣ୍ଠା ୮, ଆସିକା ୧୫ ଅନ୍ତର୍ଭୁକ୍ତ। ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନର ଧାରା ୪ ଏବଂ ୫ ଅନୁଯାୟୀ, ଜଙ୍ଗଲ ଅଧିକାର ଦାବିଗୁଡ଼ିକର ଯାଞ୍ଚ ପ୍ରକ୍ରିୟା ଶେଷ ନ ହେବା ଯାଏ ଆଦିବାସୀ ଓ ପାରମ୍ପରିକ ବନବାସୀମାନେ ଭୋଗ ଦଖଲ କରୁଥିବା ଜଙ୍ଗଲ ଜମିରୁ କେହି ଉଚ୍ଛେଦ କିମ୍ବା ବିତାଡ଼ିତ କରିପାରିବେ ନାହିଁ। ସେହିପରି ସଂଶୋଧିତ ନିୟମ ୨୦୧୨ ଧାରା ୧୨ (କ-୫) ଅନୁଯାୟୀ, ଦାବି ସପକ୍ଷରେ କହିବାକୁ ଉପଯୁକ୍ତ ସୁଯୋଗ ଦିଆ ନ ଯାଇ ଦାବିଦାରର ଦାବିକୁ ନାକଚ କରାଯାଇପାରିବ ନାହିଁ। ସଂଶୋଧିତ ନିୟମ ୨୦୧୨ର ଧାରା ୧୨(କ) ୬ ଅନୁଯାୟୀ, ଉପଖଣ୍ଡସ୍ତରୀୟ କମିଟି(ଏସ୍ଡିଏଲ୍ସି) କିମ୍ବା ଜିଲାସ୍ତରୀୟ କମିଟି(ଡିଏଲ୍ସି), ଗ୍ରାସଭାର ସଂକଳ୍ପନାମା ତଥା ସୁପାରିସକୁ ଅସମ୍ପୂର୍ଣ୍ଣ ଅଥବା ଅଧିକ ପରୀକ୍ଷଣ ଆବଶ୍ୟକ ମନେ କଲେ ଦାବିପତ୍ରକୁ ନାକଚ ଓ ପରିବର୍ତ୍ତନ କରିବା ବଦଳରେ ପୁନଃ ଗ୍ରାମସଭାକୁ ପ୍ରେରଣ କରାଯିବ। ପୁଣି ସଂଶୋଧନ ନିୟମ ୨୦୧୨ର ଧାରା ୧୨ (କ)ର ୧୦ ର 'ସି' ଅନୁଯାୟୀ, ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟି ବ୍ୟତୀତ କେହି ହେଲେ ଦାବିପତ୍ର ଉପରେ ପରିବର୍ତ୍ତନ, ନାକଚ କିମ୍ବା ନିଷ୍ପତ୍ତି ନେଇପାରିବେ ନାହିଁ। କିନ୍ତୁ ଗଞ୍ଜାମ ଜିଲାରେ ଏହି ନିୟମଗୁଡ଼ିକରୁ କୌଣସିକୁ ପାଳନ କରାଯାଇନାହିଁ। ଗ୍ରାମସଭା ଓ ଜଙ୍ଗଲ ଅଧିକାର କମିଟି କିଛି ନ ଜାଣି କେମିତି ୬୩୧୩ ପରିବାରଙ୍କର ଦାବିପତ୍ରକୁ ନାକଚ କଲେ। ସମସ୍ତ ପ୍ରକାର ଆଇନ ଓ ନିୟମକୁ ଅଣଦେଖା କରି ଜିଲା ପ୍ରଶାସନ ନେଇଥିବା ନାକଚ ପ୍ରସ୍ତାବକୁ ସାରା ଜିଲାର ଆଦିବାସୀ ଓ ବନବାସୀମାନେ ଦୃଢ଼ ନିନ୍ଦା କରିବା ସହ ଆଗାମୀ ଦିନରେ ନିଜର ଅଧିକାର ପାଇଁ ରାଜରାସ୍ତାକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ 'ନବୀନ ଭବନ'ରେ ଜିଲାର ଆଦିବାସୀମାନଙ୍କ ନେତୃତ୍ୱକୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଦିବାସୀ ନେତା ଜଗବନ୍ଧୁ ଶବର ଅଧ୍ୟକ୍ଷତା କରିଥିଲେ। ବୈଠକରେ ସାମାଜିକ କର୍ମୀ ରବି ରଥ, ଚାଷୀ ନେତା ସୀମାଞ୍ଚଳ ନାହାକ, ଭିଟାମାଟି ସୁରକ୍ଷା ଅଭିଯାନର ବିଜୟ କୁମାର ସ୍ୱାଇଁ, ଗଞ୍ଜାମ ଆଦିବାସୀ ମଞ୍ଚର ଅଭିମନ୍ୟୁ ପାତ୍ର ପ୍ରମୁଖ ଯୋଗଦେଇ ଆଦିବାସୀମାନଙ୍କ ବିଭିନ୍ନ ସମସ୍ୟା ଓ ସରକାରଙ୍କ ବୈମାତୃକ ମନୋଭାବ ସମ୍ପର୍କରେ ଆଲୋଚନା କରିଥିଲେ।

### ନାବାଳିକା ଅପହରଣ ଅଭିଯୋଗ
## ୧୦ ଦିନ ପରେ ଥାନାରେ ଏତଲା

**ଗଞ୍ଜାମ,୨୭।୧୧(ଡି.ଏନ.ଏ.)**

ଗଞ୍ଜାମ ଥାନା ଅଞ୍ଚଳରେ ଜଣେ ନାବାଳିକା (୧୬)ଙ୍କୁ ଅପହରଣ କରାଯାଇଥିବା ନେଇ ଗତ ୨୧ରେ ଅଭିଯୋଗ ହୋଇଛି। ଅପହରଣର ୧୦ ଦିନ ପରେ ଅପହୃତା ନାବାଳିକାଙ୍କ ଆଇଙ୍କ ଏତଲାକୁ ଭିତ୍ତି କରି ପୋଲିସ ନଂ. ୧୧୧/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

ପ୍ରକାଶ ଯେ, ଗତ ୧୧ ତାରିଖ ଭୋର ୪ଟାରୁ ନାବାଳିକା ଘରେ ନ ଥିବା ପରିବାର ଲୋକ ଜାଣିବା ପରେ ଚାରିଆଡ଼େ ବହୁ ଖୋଜାଖୋଜି କରିଥିଲେ। ପରେ ଉକ୍ତ ଅଞ୍ଚଳର ଜଣେ ଯୁବକ ନାବାଳିକାଙ୍କୁ ଅପହରଣ କରି ନେଇଥିବା ପରିବାର ଲୋକେ ଜାଣି ଗଞ୍ଜାମ ଥାନାରେ ଏତଲା ଦେଇଥିଲେ। ଅପହରଣକାରୀଙ୍କ ପରିବାରକୁ ଏ ସମ୍ପର୍କରେ ପଚାରିବାରୁ ସେମାନେ ଉତ୍କ୍ଷିପ୍ତ ହୋଇ ଅପହୃତାଙ୍କ ପରିବାର ଲୋକଙ୍କୁ ବିଭିନ୍ନ ପ୍ରକାର ଧମକ ଦେଇଥିବା ଏତଲାରେ ଦର୍ଶାଯାଇଛି।

## ■ ଟ୍ରାଫିକ ନିୟମ ମାନିବାକୁ ସଚେତନତା
# ମାନିଲେ ଚକୋଲେଟ୍, ନ ମାନିଲେ ଗୋଲାପ



ଜଣେ ବାଇକ୍ ଚାଳକଙ୍କୁ ଗୋଲାପ ଏବଂ ଲିଫଲେଟ୍ ପ୍ରଦାନ କରାଯାଉଛି।

**ବ୍ରହ୍ମପୁର ଅଫିସ୍,୨୭।୧୧**

କିଛି ମାସର ନିୟମ କୋହଳ ପରେ ଡିସେମ୍ବର ପହିଲାରୁ ପୁଣି ଥରେ ଟ୍ରାଫିକ ନିୟମ କଡ଼ାକଡ଼ି ପାଳନ କରାଯିବ। ଏହାକୁ ନେଇ ଏବେଠାରୁ ସାଧାରଣରେ ଭୟ ସୃଷ୍ଟି ହେଲାଣି। ତେବେ ଲୋକମାନଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରିବା ପାଇଁ ମଧ୍ୟ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ବୁଧବାର କମାପଲ୍ଲୀ ଛକରେ ବାଇକ୍ ଚାଳକଙ୍କୁ ଟ୍ରାଫିକ ନିୟମ ସମ୍ପର୍କରେ ସଚେତନ କରାଯାଇଥିଲା। ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ ଏନ୍ସିସି ଏବଂ ନାଭାଲ୍ର ପ୍ରାୟ ୬୦ ଛାତ୍ରୀଛାତ୍ର ଏଥିରେ ଭାଗ ନେଇଥିଲେ। ଯେଉଁମାନେ ଟ୍ରାଫିକ ନିୟମ ମାନିଥିଲେ, ଯଥା ହେଲମେଟ୍ ପିନ୍ଧିଥିଲେ, ସେମାନଙ୍କୁ ଚକୋଲେଟ୍ ଦେଇ ଉତ୍ସାହିତ କରାଯାଇଥିଲା। ତେବେ ଯେଉଁମାନେ ନିୟମ ମାନି ନ ଥିଲେ, ସେମାନଙ୍କୁ ଗୋଲାପ ଫୁଲ ଦିଆଯାଇଥିଲା। ନିୟମ ମାନିବାକୁ ସଚେତନ କରାଯାଇଥିଲା। ଏଥି ସହ ଲିଫଲେଟ୍ ବଣ୍ଟନ କରାଯାଇଥିଲା। ଟ୍ରାଫିକ ଡିଏସ୍ପି ସାର୍ଥକ ରାୟ, ଆଇଆଇସି ସୁନିଲ କୁମାର ବେହେରାଙ୍କ ସମେତ ଏନ୍ସିସି ଏବଂ ନାଭାଲ୍ ୱିଙ୍ଗ୍ର ଅଧିକାରୀମାନେ ଉପସ୍ଥିତ ଥିଲେ।

## କାର୍ଯ୍ୟରେ ଅବହେଳା ନେଇ ପାଚିକାଙ୍କୁ ବହିଷ୍କାର ନିର୍ଦ୍ଦେଶ

**କୁକୁଡାଖଣ୍ଡି,୨୭।୧୧(ଡି.ଏନ.ଏ.)**

କାର୍ଯ୍ୟରେ ଅବହେଳା ନେଇ କୁକୁଡାଖଣ୍ଡି ସମନ୍ୱିତ ଶିଶୁ ବିକାଶ ବିଭାଗ ସାତପହଣ୍ଡିଆ-୧ ଅଙ୍ଗନୱାଡି କେନ୍ଦ୍ରରେ ପାଚିକାଙ୍କୁ ବହିଷ୍କାର ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ଆଙ୍ଗନୱାଡି କେନ୍ଦ୍ରରେ ପାଚିକା ଠିକ୍ ଭାବେ ରନ୍ଧନ କାର୍ଯ୍ୟ ନ କରିବା ସହ ପିଲାଙ୍କୁ ଯତ୍ନ ନେଉ ନ ଥିବା ମାତୃକମିଟି ସଭ୍ୟମାନେ ଅଭିଯୋଗ କରିଛନ୍ତି। ଏ ନେଇ କୁକୁଡାଖଣ୍ଡି ସିଡିପିଓ ଏବଂ ସୁପରଭାଇଜର ମାନେ ଉକ୍ତ ଗ୍ରାମକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। ମାତୃ କମିଟିର ସଭ୍ୟାମାନେ ପାଚିକାଙ୍କୁ ବିରୋଧ କରି ତାଙ୍କୁ ତୁରନ୍ତ ବାହାର କରିବାକୁ ଅଡି ବସିଥିଲେ। କିନ୍ତୁ କିଛି ସମାଧାନ ନ ବାହାରିବାରୁ ଘଟଣା ସମ୍ପର୍କରେ ଉପଜିଲାପାଳ ସିନ୍ଧେ ଦତ୍ତାତ୍ରୟ ଭାଉସାହେବ ନିଜ କାର୍ଯ୍ୟାଳୟରେ ସମସ୍ତଙ୍କ ମତ ନେଇ ଅଭିଯୋଗର ସତ୍ୟାସତ୍ୟ ଜାଣି ପାଚିକାଙ୍କୁ ବାହାର କରିବାକୁ ସିଡିପିଓ ସଙ୍ଗିତା ପାତ୍ରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ସିଡିପିଓ ପାଚିକାକୁ ବାହାର ନ କରି ଉପଜିଲାପାଳଙ୍କ ନିକଟରେ ଫାଇଲ ଥିବା କହି ଅଭିଯୋଗକୁ ଏଡାଇ ଦେଇଛନ୍ତି ବୋଲି ମାତୃକମିଟି ସଭ୍ୟମାନେ କହିଛନ୍ତି।

## ପୁରୁଷୋତ୍ତମପୁରରେ ଆଇନ ଦିବସ

**ପୁରୁଷୋତ୍ତମପୁର, ୨୭।୧୧(ଡି.ଏନ.ଏ.)**

ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଦାଲତର ତାଲୁକା ଆଇନ ସେବା କମିଟି ପକ୍ଷରୁ ମଙ୍ଗଳବାର ଆଇନ ଦିବସ ପାଳିତ ହୋଇଯାଇଛି। କମିଟିର ଅଧ୍ୟକ୍ଷା ତଥା ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ପୌରୋହିତ୍ୟ କରି ଆଇନ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଓକିଲ ସଂଘ ସଭାପତି ଜଗନ ମୋହନ ପଟ୍ଟନାୟକ, ସମ୍ପାଦକ ପ୍ରଭାତ କୁମାର ପଟ୍ଟନାୟକ, ଉପ ସଭାପତି ରାମଚନ୍ଦ୍ର ଆଚାର୍ଯ୍ୟ, ବରିଷ୍ଠ ଆଇନଜୀବୀ ସ୍ୱରାଜ୍ୟ ପାଣିଗ୍ରାହୀ, ଉପେନ୍ଦ୍ର ପଣ୍ଡା, କେଦାରନାଥ ପଟ୍ଟନାୟକ, ଦୟାନିଧି ପଣ୍ଡା, ଅକ୍ଷୟ କୁମାର ବେହେରା, ଅମ୍ରେସ ତ୍ରିପାଠୀ ପ୍ରମୁଖ ଯୋଗ ଦେଇଥିଲେ। ଏହାକୁ ଆଇନ ସେବା କମିଟି ସମ୍ପାଦକ ଗଗନ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ପାଢୀ, ପ୍ରଶନ କୁମାର ବେହେରା ପ୍ରମୁଖ ପରିଚାଳନା କରିଥିଲେ।




ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ଓ ଅନ୍ୟମାନେ।

## ଶାଶୁ, ଶ୍ୱଶୁର, ଦିଅରଙ୍କ ମାଡ଼ରେ ବୋହୂ ଗୁରୁତର

**ଖଲ୍ଲିକୋଟ,୨୭।୧୧(ଡି.ଏନ.ଏ.)**

ଗଞ୍ଜାମ ଜିଲା ଖଲ୍ଲିକୋଟ ବ୍ଲକ ମହେଶ୍ୱରପୁର ଗ୍ରାମରେ ବୁଧବାର ଶାଶୁ, ଶ୍ୱଶୁର ଓ ଦିଅରଙ୍କ ମାଡ଼ରେ ବୋହୂ ଗୁରୁତର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ନଂ. ୩୪୭/୧୯ରେ ମାମଲା ରୁଜୁ କରି ଖଲ୍ଲିକୋଟ ପୋଲିସ ତଦନ୍ତ ଚଳାଇଛି।

ମାଣିକପୁରର ଭରତ ଦୁହୁଡ଼ିଙ୍କ ଝିଅ ରଞ୍ଜନା ୬ ବର୍ଷ ପୂର୍ବେ ମହେଶ୍ୱରପୁର ଗାଁରେ ବୈଦିକ ରୀତିନୀତି ପ୍ରକାରେ ବିବାହ କରିଥିଲେ। ବିବାହ ସମୟରେ ଦାବି ମୁତାବକ ଝିଅର ବାପା ଯୌତୁକ ପ୍ରଦାନ କରିଥିଲେ। କିନ୍ତୁ କିଛିଦିନ ପରେ ଅଧିକ ଯୌତୁକ ଦାବି କରି ଶାଶୁ ଘର ଲୋକେ ରଞ୍ଜନାଙ୍କୁ ନିର୍ଯାତନା ଦେଉଥିଲେ। ଏଥିପାଇଁ ଦୁଇଥର ଥାନାରେ ଆସି ଏହାର ସମାଧାନ ହୋଇଥିଲା। ରଞ୍ଜନାଙ୍କ ସ୍ୱାମୀ ରାଜ୍ୟ ବାହାରକୁ କାମ କରୁଛନ୍ତି। ବୁଧବାର ରଞ୍ଜନା ଘରେ କାମ କରୁଥିବା ବେଳେ କୌଣସି କାରଣରୁ ଶାଶୁ, ଶ୍ୱଶୁର ଓ ଦିଅରଙ୍କ ସହ ବଚସା ହୋଇଥିଲା। ଏଥିରେ ୩ଜଣ ରାଗିଯାଇ କାଠ ଫାଳିଆରେ ରଞ୍ଜନାଙ୍କୁ ମାଡ଼ ମାରି ବାମ ହାତ ଭାଙ୍ଗି ଘରୁ ବାହାର କରି ଦେଇଥିଲେ। ଗ୍ରାମବାସୀଙ୍କ ସହାୟତାରେ ରଞ୍ଜନାଙ୍କୁ ଖଲ୍ଲିକୋଟ ଡାକ୍ତରଖାନା ପରେ ବ୍ରହ୍ମପୁର ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଛି। ଏ ନେଇ ଭରତ ଥାନାରେ ଏତଲା ଦେଇଛନ୍ତି। କିନ୍ତୁ ଶ୍ୱଶୁର ଘର ଲୋକେ ଏହାକୁ ଅସ୍ୱୀକାର କରିଛନ୍ତି।

### ସରପଞ୍ଚ ନିର୍ମାଣ ଶ୍ରମିକ ଘର ନେବା ଘଟଣା
## ଜନପ୍ରତିନିଧି ସରକାରୀ ଯୋଜନା ପାଇପାରିବେ: ସିଦ୍ଧାର୍ଥ

**କୁକୁଡାଖଣ୍ଡି,୨୭।୧୧(ଡି.ଏନ.ଏ.)**

କୁକୁଡାଖଣ୍ଡି ବ୍ଲକ ବନ୍ଥପଲ୍ଲୀ ସରପଞ୍ଚ ନିର୍ମାଣ ଶ୍ରମିକ ବାବଦକୁ ଆସିଥିବା ଘର ନେଇଥିବା ଅଭିଯୋଗ ହୋଇଥିଲା। ଏହି ଖବର ପ୍ରକାଶ ପାଇବା ପରେ ଜିଲାପାଳ ଏହା ରିପୋର୍ଟ ମାଗିବାରୁ କୁକୁଡାଖଣ୍ଡି ବିଡିଓ ଗଦାଧର ପାତ୍ର ଘଟଣାର ତଦନ୍ତ କରି ପିଡିଙ୍କୁ ତଦନ୍ତ ରିପୋର୍ଟ ପ୍ରଦାନ କରିଛନ୍ତି। ରିପୋର୍ଟ ଆସିବା ପରେ ସରକାରୀ ଯୋଜନା ଜଣେ ଲୋକ ପ୍ରତିନିଧି ମଧ୍ୟ ଏହାର ସୁବିଧା ଉଠାଇପାରିବେ ବୋଲି ଗଞ୍ଜାମ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପ୍ରୋଜେକ୍ଟ ଡାଇରେକ୍ଟର ସିଦ୍ଧାର୍ଥ ସ୍ୱାଇଁ ମତ ରଖିଛନ୍ତି।

୨୦୧୫ରେ ସରପଞ୍ଚ ଜଣଙ୍କ ଶ୍ରମିକ କାର୍ଡ କରିଥିଲେ। ପରେ ତାଙ୍କ ନାଁରେ ଶ୍ରମିକ ଘର ଆସିଥିଲା। କିନ୍ତୁ କୌଣସି ଗାଇଡ ଲାଇନରେ ନାହିଁ ଯେ ଜଣେ ଜନପ୍ରତିନିଧି ସରକାରୀ ଯୋଜନାରେ ଘର ପାଇପାରିବ ନାହିଁ ବୋଲି ଯୁକ୍ତି ବାଢିଛନ୍ତି। ବ୍ଲକର ଜଣେ ସରପଞ୍ଚ ନିଜ ମା ଓ ଭାଇଙ୍କ ନାଁରେ ମଧ୍ୟ ବିଜୁ ପକ୍କାଘର ନେଇଛନ୍ତି। ଏପରି ୪ ରୁ ୫ ଜଣ ଜନପ୍ରତିନିଧି ମଧ୍ୟ ସରକାରୀ ଗୃହ ହାତେଇଥିବା ଅଭିଯୋଗ ହୋଇଛି। ଏହା ଜଣାପଡ଼ିବା ପରେ ବନ୍ଥପଲ୍ଲୀ ପଞ୍ଚାୟତର କିଛି ହିତାଧିକାରୀ ସରକାରୀ ଘର ପାଇ ନଥିବା ଗ୍ରାମବାସୀ ବିଡିଓଙ୍କୁ ଅଭିଯୋଗ କରିଥିଲେ। ଶୀଘ୍ର ତଦନ୍ତ କରାଯିବ ବୋଲି ବିଡିଓ କହିଥିଲେ। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଚୟନ କରିନାହାନ୍ତି। ତେଣୁ ଉପଯୁକ୍ତ ତଦନ୍ତ କରି ହିତାଧିକାରୀଙ୍କୁ ଘର ପ୍ରଦାନ କରିବାକୁ ଦାବି ହେଉଛି।

## ■ କେଏଟିଏସ୍ରେ ଆୟୁର୍ବେଦ ଟିକାକରଣ ଶିବିର
# ଦିନକରେ ୧୦୨୫ ଶିଶୁଙ୍କୁ 'ସ୍ୱର୍ଣ୍ଣପ୍ରାସନ' ପ୍ରଦାନ

**ବ୍ରହ୍ମପୁର ଅଫିସ,୨୭।୧୧**

ବ୍ରହ୍ମପୁର ଉପକଣ୍ଠ ଆଙ୍କୁଶପୁରସ୍ଥିତ କବିରାଜ ଅନନ୍ତ ତ୍ରିପାଠୀ ଶର୍ମା(କେଏଟିଏସ) ଆୟୁର୍ବେଦ ମହାବିଦ୍ୟାଳୟ ଓ ଚିକିତ୍ସାଳୟରେ ଶିଶୁମାନଙ୍କ ପାଇଁ ମାଗଣା ଆୟୁର୍ବେଦୀୟ ଟିକାକରଣ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶିଶୁମାନଙ୍କ ବଳ, ମେଧାବୃଦ୍ଧି ପାଇଁ ଆୟୁର୍ବେଦିକ ଔଷଧ 'ସ୍ୱର୍ଣ୍ଣପ୍ରାସନ' ପ୍ରଦାନ କରାଯାଇଥିଲା। ଏହି ଶିବିରକୁ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡା. ବିପିନ ବିହାରୀ ଖୁଣ୍ଟିଆ ଉଦ୍ଘାଟନ କରିଥିଲେ। ଆୟୁର୍ବେଦ ଶିଶୁ ବିଶେଷଜ୍ଞ ଡା. ବିମଳ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମକୁ ଡା. ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ସମେତ ଡା. ବଳରାମ ପ୍ରଧାନ, ଡା. ସୁରମା ମିଶ୍ର, ଡା. ନିବେଦିତା ମହାପାତ୍ର, ଡା. ସୌଭାଗ୍ୟ ମହାଳିକ ପ୍ରମୁଖ ସହଯୋଗ କରିଥିଲେ। ଶିବିରରେ କୁକୁଡାଖଣ୍ଡି, ହିଞ୍ଜିଳି, ବ୍ରହ୍ମପୁର ଅଞ୍ଚଳର ପ୍ରାୟ ୧୦୨୫ ଶିଶୁଙ୍କୁ ସ୍ୱର୍ଣ୍ଣପ୍ରାସନ ଔଷଧ ପ୍ରଦାନ କରାଯାଇଥିଲା।



ଡା. ବିମଳ କୁମାର ପଣ୍ଡା ଶିଶୁଙ୍କୁ ସ୍ୱର୍ଣ୍ଣପ୍ରାସନ ପ୍ରଦାନ କରୁଛନ୍ତି।

## ସମିତି ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ବୈଠକ

**ଜି.ଉଦୟଗିରି,୨୭।୧୧(ଡି.ଏନ.ଏ.)**

ଜି.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଦୀପ୍ତିରେଖା ପ୍ରଧାନଙ୍କ ବିରୋଧରେ ଅଣାଯାଇଥିବା ଅନାସ୍ଥା ପ୍ରସ୍ତାବ ପାଇଁ ଗୁରୁବାର ପୂର୍ବାହ୍ନରେ ସମିତି କାର୍ଯ୍ୟାଳୟରେ ଏକ ସ୍ୱତନ୍ତ୍ର ବୈଠକ ହେବ। ବାଲିଗୁଡ଼ା ଉପଜିଲାପାଳଙ୍କ ଆଦେଶ କ୍ରମେ ବୈଠକରେ ଅନାସ୍ଥା ପ୍ରସ୍ତାବ ବିଷୟରେ ଆଲୋଚନା ଓ ଗୁପ୍ତ ଭୋଟ କରାଯିବ। ଏଥିପାଇଁ ଚକାପାଦ ବିଡିଓ ଅନିଲ କୁମାର ପଟ୍ଟନାୟକଙ୍କୁ ପ୍ରିଜାଇଡିଙ୍ଗ୍ ଅଫିସର ଭାବେ ଦାୟିତ୍ୱ ଦିଆଯାଇଛି। ଚକାପାଦ ବିଡିଓ ଅନାସ୍ଥା ପ୍ରସ୍ତାବ ବୈଠକ ପରିଚାଳନା କରିବେ। ଏ ସମ୍ପର୍କରେ କନ୍ଧମାଳ ଏମ୍ପି, ଜି.ଉଦୟଗିରି ବିଧାୟକ, ଜି.ଉଦୟଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା, ଉପାଧ୍ୟକ୍ଷ, ସମସ୍ତ ସମିତିସଭ୍ୟା ପ୍ରମୁଖଙ୍କୁ ବାଲିଗୁଡ଼ା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଅବଗତ କରାଯାଇଛି ବୋଲି ଜି.ଉଦୟଗିରି ବିଡିଓ ଶାନ୍ତନୁ କୁମାର ନାୟକ କହିଛନ୍ତି।

## ବିସିସି ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକରେ ନିଷ୍ପତ୍ତି
# ଡିସେମ୍ବର ୨୨ରେ ବାର୍ଷିକ ସାଧାରଣ ଅଧିବେଶନ

**ବ୍ରହ୍ମପୁର ଅଫିସ,୨୭।୧୧**

ବିସିସି (ବ୍ରହ୍ମପୁର ସମବାୟ କେନ୍ଦ୍ର) ବ୍ୟାଙ୍କ ପରିଚାଳନା ବୋର୍ଡ ବୈଠକ ମଙ୍ଗଳବାର ମୁଖ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଡିସେମ୍ବର ୨୨ରେ ବ୍ୟାଙ୍କର ବାର୍ଷିକ ସାଧାରଣ ଅଧିବେଶନ ହେବାର ସର୍ବସମ୍ମତ ନିଷ୍ପତ୍ତି ହୋଇଛି। ସଭାପତି ଅଲେଖ ଚୌଧୁରୀ ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଭାରପ୍ରାପ୍ତ ସିଇଓ ତଥା ପରିଚାଳନା ବୋର୍ଡ ସମ୍ପାଦକ ଭି. ତାରକାନାଧମ୍ ଏଜେଣ୍ଡା ଉପସ୍ଥାପନ କରିଥିଲେ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ଅତିରିକ୍ତ ବଜେଟ ଆଗତ କରାଯାଇଥିଲା। ଏହା ଗୃହୀତ ହୋଇଥିବାରୁ ଅନୁମୋଦନ ପାଇଁ ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ସମେତ ସରକାରଙ୍କ ସମବାୟ ବିଭାଗକୁ ପଠାଯିବାର କୁହାଯାଇଛି। ଏହି ବ୍ୟାଙ୍କକୁ ଡେପୁଟେଶନରେ ଆସି କାର୍ଯ୍ୟ କରୁଥିବା ସମବାୟ ବିଭାଗ ଅଡିଟର ସୁରେନ୍ଦ୍ର କୁମାର ବେହେରାଙ୍କର ଅନ୍ୟତ୍ର ବଦଳି ହୋଇଥିବାରୁ ତାଙ୍କୁ ରିଲିଭ କରାଯାଇଥିବା ସୂଚନା ଦିଆଯାଇଥିଲା।

ବୈଠକରେ ୨୦୧୯-୨୦ ବର୍ଷ ଆରମ୍ଭରୁ ଅକ୍ଟୋବର ୩୧ ତାରିଖ ସୁଦ୍ଧା ବ୍ୟାଙ୍କ ଆୟ ଓ ବ୍ୟୟ ରିପୋର୍ଟ ଉପରେ ଆଲୋଚନା କରାଯାଇ ଗୃହୀତ ହୋଇଥିଲା। ଅପରପକ୍ଷରେ ବ୍ୟାଙ୍କ ଅଧୀନ ଗଞ୍ଜାମ ଓ ଗଜପତି ଜିଲାରେ ଥିବା ୨ ଶତାଧିକ ସୋସାଇଟି (ପ୍ୟାକ୍ସ) ସମ୍ପାଦକମାନଙ୍କ ଦରମା ବୃଦ୍ଧି ନେଇ ଆଲୋଚନା କରାଯାଇଥିଲା। ଲାଭଜନକ ସୋସାଇଟି ଗୁଡ଼ିକର ସମ୍ପାଦକଙ୍କୁ ସରକାରଙ୍କ ସମବାୟ ବିଭାଗ ନିର୍ଦ୍ଦେଶ ପ୍ରକାରେ ବର୍ଦ୍ଧିତ ହାରରେ ଦରମା ଦିଆଯିବା ସମ୍ପର୍କରେ ବିଚାରବିମର୍ଶ ହୋଇଥିଲା। ଏହି ପୁରାତନ ବ୍ୟାଙ୍କରେ ଖାଲି ପଡ଼ିଥିବା ପଦବୀ ପୂରଣ ଏବଂ କାର୍ଯ୍ୟରତ କର୍ମଚାରୀଙ୍କ ପଦୋନ୍ନତି ନେଇ ମଧ୍ୟ ଆଲୋଚନା ହୋଇଥିଲା। ତେବେ ବୈଠକରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇ ନ ଥିବା କୁହାଯାଇଛି।

ଉପସଭାନେତ୍ରୀ ସିଏଚ୍ ତାରକେଶ୍ୱରୀଙ୍କ ସମେତ ସନ୍ତୋଷ କୁମାର ପାତ୍ର, କୈଳାସ ରଣା, ବସନ୍ତ କୁମାର ପଟ୍ଟନାୟକ, ସଞ୍ଜୟ ସେଠୀ, ଏ. ଖଲି ରେଞ୍ଜୀ, ବି. ତ୍ରିନାଥ, ଗାୟତ୍ରୀ ଦଳାଇ, ଆପନା ସେଠୀ, ତମାଳ ନାୟକ, ଆର. ସରସ୍ୱତୀ, ବି. ଧନଞ୍ଜୟଲୁ, ଆର. ରାମପ୍ରସାଦ ଓ ଶିଶିର ହେମନ୍ତ ପ୍ରଧାନ ପ୍ରମୁଖ ନିର୍ଦ୍ଦେଶିକା, ନିର୍ଦ୍ଦେଶକମାନେ ଆଲୋଚନାରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ମହିଳାଙ୍କ ତଣ୍ଟିକାଟି ହତ୍ୟା

ଶେରଗଡ଼,୨୭।୧୧(ଡି.ଏନ୍.ଏ.)- ଗଞ୍ଜାମ ଜିଲା ଶେରଗଡ଼ ନିକଟସ୍ଥ ପାରସିଙ୍ଗି ଗ୍ରାମରେ ବୁଧବାର ରାତି ପ୍ରାୟ ୯ଟାରେ ଜଣେ ମହିଳାଙ୍କୁ ତଣ୍ଟିକାଟି ହତ୍ୟା କରାଯାଇଛି। ମୃତ ମହିଳା ଜଣକ ହେଲେ କବିତା ସେଠୀ (୪୨)। ଏ ନେଇ ବଡ଼ଗଡ଼ ପୋଲିସ ନଂ. ୨୭୫/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପ୍ରକାଶ ଯେ, ଉକ୍ତ ଗ୍ରାମରେ କବିତା ସ୍ୱାମୀଙ୍କ ସହ ରହୁଥିଲେ। ବୁଧବାର ରାତିରେ ତାଙ୍କ ସ୍ୱାମୀ ଘରେ ନ ଥିବା ବେଳେ କେହି ଦୁର୍ବୃତ୍ତ ଘରେ ପଶି ତାଙ୍କୁ ତଣ୍ଟି କାଟି ହତ୍ୟା କରିଥିଲେ।ଖବର ପାଇ ବଡ଼ଗଡ଼ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ଗୁରୁବାର ବ୍ୟବଚ୍ଛେଦ କରାଯିବ ବୋଲି ପୋଲିସ କହିଛି। ମୃତ୍ୟୁ କାରଣ ଜଣାପଡ଼ି ନାହିଁ।

### ଭୁଜାଲିରେ ଯୁବକଙ୍କୁ ଆକ୍ରମଣ

ଗଞ୍ଜାମ,୨୭।୧୧(ଡି.ଏନ୍.ଏ.)- ଗଞ୍ଜାମ ବ୍ଲକ କଇଁଚପୁର ପଞ୍ଚାୟତ ଝାଡୁବୁଦା ଗ୍ରାମର ଜଣେ ଯୁବକଙ୍କୁ ବୁଧବାର ଭୁଜାଲିରେ ଆକ୍ରମଣ ହୋଇଛି। ସେ ହେଲେ ଉକ୍ତ ଗ୍ରାମର କେ. ଦୁର୍ଯ୍ୟୋଧନ ରେଡ୍ଡୀ। ରାତି ପ୍ରାୟ ୮ଟାରେ ଗ୍ରାମରେ ଦୁର୍ଯ୍ୟୋଧଙ୍କ ଜୈନିକ ଯୁବକଙ୍କ ସହ କୌଣସି କାରଣକୁ ନେଇ ବଚସା ହୋଇଥିଲା। ଏଥିରେ ଉକ୍ତ ଯୁବକ ରାଗି ଯାଇ ଦୁର୍ଯ୍ୟୋଧଙ୍କ ପେଟରେ ଭୁଜାଲି ଭୁସି ଦେଇଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ଗଞ୍ଜାମ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଛତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ। କିନ୍ତୁ ସେଠାରେ ଆମ୍ବୁଲାନ୍ସ ନ ଥିବାରୁ କିଛି ସମୟ ଧରି ଉତ୍ତେଜନ ଦେଖାଦେଇଥିଲା। ଖବର ପାଇ ଗଞ୍ଜାମ ପୋଲିସ ପହଞ୍ଚି ଆହତଙ୍କୁ ଛତ୍ରପୁର ମେଡିକାଲ ପଠାଇଥିଲା।

ପୋର୍ଟରେ ଭଙ୍ଗାରୁଜା ମାମଲା

### ୩୪ ନିର୍ଦ୍ଦୋଷରେ ଖଲାସ

ଛତ୍ରପୁର,୨୭।୧୧(ଡି.ଏନ.ଏ)- ଗୋପାଳପୁର ବନ୍ଦର ପରିସରରେ ଥିବା ଓସଏଲ୍ ଅଫିସରେ ୨୦୧୩ ମେ ୨୮ରେ କେତେକ ବ୍ୟକ୍ତି ଭଙ୍ଗାରୁଜା କରିଥିବା ଅଭିଯୋଗ ହୋଇଥିଲା । ଏହା ମାମଲାରେ ସମ୍ପୃକ୍ତ ୩୪ ଜଣଙ୍କୁ ସାକ୍ଷ୍ୟ ପ୍ରମାଣ ଅଭାବରୁ ବୁଧବାର ଛତ୍ରପୁର ଜେଏମ୍ଏଫସି ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ମୁଦାଲାଙ୍କ ପକ୍ଷରୁ ଓକିଲ ପଦ୍ମ ଚରଣ ସାହୁ ମାମଲା ପରିଚାଳନା କରୁଥିଲେ । ଭଙ୍ଗାରୁଜା ନେଇ ସେତେବେଳେ ପୋର୍ଟ ସୁରକ୍ଷା ଅଧିକାରୀଙ୍କ ପକ୍ଷରୁ ଚମାଖଣ୍ଡି ଥାନାରେ ଏତଲା ଦିଆଯାଇଥିଲା । ଉକ୍ତ ଏତଲାକୁ ଭିତି କରି ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲେ ।

ଦିଲ୍ଲୀ ଏମ୍ସ ଆକାଉଣ୍ଟରୁ ୪.୭୬ କୋଟି ଠକେଇ ଘଟଣା

# ମାମଲାର ତଦନ୍ତ କରିବ ଦିଲ୍ଲୀ ସିବିଆଇ

**ଫୁଲବାଣୀ ଅଫିସ, ୨୭।୧୧**

ଦିଲ୍ଲୀ ଏମ୍ସ (ଅଲ ଇଣ୍ଡିଆ ଇନ୍ଷ୍ଟିଚ୍ୟୁଟ ଅଫ ମେଡିକାଲ ସାଇନ୍ସ)ର ଆକାଉଣ୍ଟରୁ ୪ କୋଟି ୭୬ ଲକ୍ଷ ୪୬ ହଜାର ୬୨୫ ଟଙ୍କା ଚେକ୍ ଜରିଆରେ ଫୁଲବାଣୀ ଷ୍ଟେଟ ବ୍ୟାଙ୍କ ଶାଖାରୁ ଉଠାଣ ହେବା ଘଟଣାକୁ ନେଇ ବ୍ୟାଙ୍କ ଉଚ୍ଚ କର୍ତ୍ତୃପକ୍ଷ ତଦନ୍ତ ଜୋରଦାର କରିଛନ୍ତି। ଘଟଣାରେ ସାମିଲ ଓ ସନ୍ଦେହ ପରିସରକୁ ଆସିଥିବା ଅଧିକାରୀଙ୍କୁ ପଚରାଉଚରା ପ୍ରାୟ ଶେଷ ହୋଇଛି। ସମସ୍ତ ରିପୋର୍ଟ ଏବଂ ଏ ସଂକ୍ରାନ୍ତ ଅଭିଯୋଗ ନେଇ ଦିଲ୍ଲୀ ସିବିଆଇରେ ଦାଖଲ କରାଯିବ। ସିବିଆଇ ଖୁବ୍ ଶୀଘ୍ର ଫୁଲବାଣୀ ଆସି ମାମଲାର ତଦନ୍ତ କରିବ। ସେପଟେ ଚେକ୍ ଲଗାଇ ଟଙ୍କା ଉଠାଣ ଏବଂ ଟ୍ରାନ୍ସଫର କରିଥିବା ଆକାଉଣ୍ଟଧାରୀ ଚନ୍ଦ୍ରଶେଖର ପଣ୍ଡା ବେଲ୍ ପାଇଁ ହାଇକୋର୍ଟରେ ଚକ୍କର କାଟୁଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ବ୍ୟାଙ୍କ କର୍ମଚାରୀ ଘଟଣାରେ ସମ୍ପୂର୍ଣ୍ଣ ସାମିଲ ଥିବା ପଣ୍ଡା କହୁଥିବା (ଯାହାର ଅଡିଓ ଟେପ ହସ୍ତଗତ ହୋଇଛି)ବେଳେ ବ୍ୟାଙ୍କର ଉଚ୍ଚ କର୍ତ୍ତୃପକ୍ଷ ପଣ୍ଡାଙ୍କ ସମେତ ଏକ ରାକେଟ ଏଥିରେ ଜଡିତ ଥିବା କହୁଛନ୍ତି। ସିବିଆଇ ତଦନ୍ତ ପରେ ସବୁକଥା ପଦାକୁ ଆସିବ ବୋଲି ଆଞ୍ଚଳିକ ପ୍ରବନ୍ଧକ(ଆର୍ଏମ୍) ବିକ୍ରମ କେଶରୀ ମାନ୍ଧାତା କହିଛନ୍ତି।

ନିର୍ଦ୍ଦିଷ୍ଟ ବ୍ୟାଙ୍କ ଶାଖାର ଚେକ୍ ବ୍ୟତୀତ ନନ୍ ହୋମ ଚେକ୍(ବାହାରର) ଆସିଲେ ତାହା ସାଧାରଣତଃ ସନ୍ଦେହ ପରିସରଭୁକ୍ତ ହୋଇଥାଏ। ଯାହାର ଅନେକ କାରଣ ରହିଛି। ଯଥା ଏହା ଦିଲ୍ଲୀର ଚେକ୍ ହୋଇଥିବାରୁ ସେଠାରେ ଚେକ୍ ଡ୍ରପ କରାଯାଇ ପାରିଥାନ୍ତା। ଯଦି ଏମ୍ସରୁ ପଣ୍ଡା କୌଣସି ବାବଦରେ ଟଙ୍କା ପାଇବାର ଥିଲା ଏମ୍ସ୍ କର୍ତ୍ତୃପକ୍ଷ ଆର୍ଟିଜିଏସ୍ କରିପାରି ଥାନ୍ତେ। ଦିଲ୍ଲୀ ଏମ୍ସର ଚିଠି ଅନୁଯାୟୀ ସେହି ନଂ. ଚେକ୍ ତାଙ୍କ ପାଖରେ ରହିଛି। ସତ୍ୟସାଇ ମେଡିସିନି ଷ୍ଟୋର ଆକାଉଣ୍ଟ ନାମରେ ସେଭଳି କିଛି ଚେକ୍ ପ୍ରଦାନ କରାଯାଇ ନ ଥିବା ଫୁଲବାଣୀ ଶାଖା ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବା ପରେ ସେହି ଚେକ୍‌କୁ ସିଲ କରାଯାଇଛି। ଯାହା ଜଣାପଡିଛି ସେହି ଚେକ୍‌ର କ୍ଲୋନିଂ(ଅବିକଳ ନକଲ) କରାଯାଇଛି। ତେଣୁ ଏଥିରେ ଏକ ବଡ ଧରଣର ରାକେଟ ସାମିଲ ଅଛି। ପଣ୍ଡା ବ୍ୟାଙ୍କକୁ ଯିବା, ଚେକ୍ ଡ୍ରପ୍ କରିବା, ଟଙ୍କା ଉଠାଇବା, ଚେକ୍‌ରେ ଦସ୍ତଖତ କରିବାର ସବୁ ସିସିଟିଭି ଫୁଟେଜ୍ ରହିଛି। ମାମଲା ସିବିଆଇ ନେଲା ପରେ ଖବରଦାତା ସମ୍ମିଳନୀ କରାଯାଇ ଘଟଣା ବିଷୟରେ ଜଣାଯିବ ବୋଲି ଆର୍ଏମ୍ ମାନ୍ଧାତା କହିଛନ୍ତି।

ସୁଚନାଯୋଗ୍ୟ, ଗତ ଅକ୍ଟୋବର ୨୩ରେ ଫୁଲବାଣୀ ମୁଖ୍ୟ ଷ୍ଟେଟ ବ୍ୟାଙ୍କରେ ସତ୍ୟସାଇ ମେଡିସିନି ଷ୍ଟୋର ଆକାଉଣ୍ଟ ନଂ. ୩୨୮୦୪୭୯୪୦୧ରେ ନୂଆଦିଲ୍ଲୀ ସ୍ଥିତ ଏମ୍ସର ଏକ ଚେକ୍ ଜମା କରା ଯାଇଥିଲା। ଏହାପରେ ଆକାଉଣ୍ଟକୁ ୪ କୋଟି ୭୬ ହଜାର ୬୨୫ ଟଙ୍କା କ୍ରେଡିଟ ହୋଇଥିଲା। ପଣ୍ଡା ଏହାପରେ ଟ୍ରାନଜାକସନ କରି ଟଂକା ଉଠାଣ ସହ ଟ୍ରାନ୍ସଫର କରି ଚାଲିଥିଲେ। ସେଥିରୁ ଗୋଟିଏ ଟ୍ରାନଜାକସନ ୪ କୋଟି ୧୦ ଲକ୍ଷ ଟଂକା ଚେନାଇର ଭିଏମ୍ଏକ୍ସ ଇମ୍ପେକ୍ସ ପ୍ରାଇଭେଟ ଲିମିଟେଡ ଆକାଉଣ୍ଟକୁ ଯାଇଥିଲା।

୧୯ ନଂ. ଜୋନ୍ ଜିଲା ପରିଷଦ ଉପନିର୍ବାଚନ

# ମତଦାନ ସରିଲା, ଗଣତି ଆଜି



ଭୋଟ ବାକ୍ସ ଧରି ଫେରୁଛନ୍ତି।

**ଛତ୍ରପୁର,୨୭।୧୧(ଡି.ଏନ.ଏ.)**

ଛତ୍ରପୁର ବ୍ଲକ ୧୯ ନଂ. ଜୋନ ଜିଲା ପରିଷଦ ସଭ୍ୟ ପାଇଁ ବୁଧବାର ହୋଇଥିବା ଉପନିର୍ବାଚନ ଶେଷ ହୋଇଛି। ଜିଲା ପରିଷଦ ସଭ୍ୟ ପାଇଁ ୬ ପଞ୍ଚାୟତର ୯୬ ବୁଥରେ ଭୋଟ ଗ୍ରହଣ ହୋଇଥିଲା। ଏଥିରେ ୩୬୭୨୩ ଭୋଟର ଥିବା ବେଳେ ୧୭ହଜାର ୧୯୭ ଜଣ ଭୋଟର ମତଦାନ କରିଛନ୍ତି। ଯାହାକି ୪୬.୮୩ ପ୍ରତିଶତ। ଭୋଟ ଗ୍ରହଣ ପରେ ବାକ୍ସଗୁଡିକୁ ଛତ୍ରପୁର ବ୍ଲକ କାର୍ଯ୍ୟାଳୟକୁ ଅଣାଯାଇଥିଲା । ଗୁରୁବାର ଗଣତି ହୋଇ ଫଳାଫଳ ଘୋଷଣା ହେବ । ଏହି ପଦବୀ ପାଇଁ ବିଜେଡି, ଭାଜପା, କଂଗ୍ରେସ ଓ ସିପିଆଇ ପ୍ରାର୍ଥିଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦିତା ହୋଇଛି। ପୂର୍ବରୁ ଏହି ଜୋନରେ ବିଜେଡିର ସୁବାସ ଚନ୍ଦ୍ର ବେହେରା ଜିଲା ପରିଷଦ ସଭ୍ୟ ନିର୍ବାଚିତ ହୋଇଥିଲେ। ୨୦୧୯ ନିର୍ବାଚନରେ ଛତ୍ରପୁର ବିଧାୟକ ଭାବେ ବେହେରା ନିର୍ବାଚିତ ହେବା ପରେ ଜିଲା ପରିଷଦ ସଭ୍ୟ ପଦବୀରୁ ସେ ଇସ୍ତଫା ଦେଇଥିଲେ। ସେହିପରି ଖଲ୍ଲିକୋଟ ବ୍ଲକ କେଶପୁର ପଞ୍ଚାୟତ ସମିତିସଭ୍ୟ ପଦବୀ ପାଇଁ ୫୦୨୬ ଭୋଟର ରହିଥିବା ବେଳେ ୨୬୯୧ ଭୋଟର (୫୩.୫୪ ପ୍ରତିଶତ) ଭୋଟ ଦେଇଥିବା ବେଳେ ପୋଲସରା ବ୍ଲକ ବର୍ତ୍ତିନୀ ପଞ୍ଚାୟତ ସମିତିସଭ୍ୟ ପଦବୀ ପାଇଁ ୩୪୪୩ ଭୋଟର ରହିଥିବା ବେଳେ ୧୭୯୭ (୫୨.୧୯ ପ୍ରତିଶତ) ଭୋଟର ମତଦାନ ସାବ୍ୟସ୍ତ କରିଛନ୍ତି।

# ଛତ୍ରପୁର ହସ୍ପିଟାଲରୁ ତଥ୍ୟ ସଂଗ୍ରହ କଲେ ରାଜ୍ୟ ଟିମ୍



ଅନୁଧ୍ୟାନ କରୁଛନ୍ତି।

**ଛତ୍ରପୁର,୨୭।୧୧(ଡି.ଏନ.ଏ.)**

ଛତ୍ରପୁର ହସ୍ପିଟାଲକୁ ବୁଧବାର କାୟାକଳ୍ପ ଆୱାର୍ଡ ପାଇଁ ଆକଳନ ନେଇ ରାଜ୍ୟ ସ୍ୱାସ୍ଥ୍ୟ ଟିମ୍ ଆସିଥିଲେ । ପୂର୍ବରୁ ଏହି ଆୱାର୍ଡ ପାଇଁ ଜିଲାସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ଛତ୍ରପୁର ହସ୍ପିଟାଲ ଆସି ତଥ୍ୟ ସଂଗ୍ରହ କରିଥିଲେ। ପରେ ଛତ୍ରପୁର ହସ୍ପିଟାଲକୁ ୯୦ ପ୍ରତିଶତ ମାର୍କ ମିଳିଥିଲା। ରାଜ୍ୟସ୍ତରୀୟ ଟିମ୍ ଦ୍ୱାରା ଆକଳନ ପାଇଁ ମନୋନୀତ ହୋଇଥିଲା । ବୁଧବାର ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ଛତ୍ରପୁର ହସ୍ପିଟାଲକୁ ଆସି ବିଭିନ୍ନ ପ୍ରସଙ୍ଗରେ ଅନୁଧ୍ୟାନ କରି ତଥ୍ୟ ସଂଗ୍ରହ କରିଥିଲେ । ରାଜ୍ୟସ୍ତରୀୟ ସ୍ୱାସ୍ଥ୍ୟ ଟିମ୍ ମାର୍କ ଅନୁସାରେ ଛତ୍ରପୁର ହସ୍ପିଟାଲ କାୟାକଳ୍ପ ଆୱାର୍ଡ ପାଇବ। ଏହି ଆୱାର୍ଡ ପାଇଲେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ହସ୍ପିଟାଲର ଉନ୍ନତି ପାଇଁ ସ୍ୱତନ୍ତ୍ର ଅନୁଦାନ ମିଳିଥାଏ।

## କାୟାକଳ୍ପ ଆୱାର୍ଡ

ପ୍ରକାଶଯେ, ଗତ ବର୍ଷ ଛତ୍ରପୁର ହସ୍ପିଟାଲକୁ କାୟାକଳ୍ପ ସାନ୍ତ୍ୱନାମୂଳକ ପୁରସ୍କାର ମିଳିଥିଲା । ଜିଲାସ୍ତରରେ ଛତ୍ରପୁର ହସ୍ପିଟାଲ ୯୦ ପ୍ରତିଶତ ମାର୍କ ପାଇ ପ୍ରଥମ ସ୍ଥାନରେ ରହିଛି । ବିଶେଷକରି ହସ୍ପିଟାଲ ସଫେଇ, ପରିମଳ ଆଦିକୁ ଆଧାର କରି କାୟାକଳ୍ପ ଆୱାର୍ଡ ପାଇଁ ମାର୍କ ମିଳିଥାଏ । ପ୍ରଥମେ ଜିଲାସ୍ତରୀୟ ଟିମ୍ ଆସି ଅନୁଧ୍ୟାନ କରି ମାର୍କ ଦେବା ପରେ ଏହାକୁ ଆଧାର କରି ରାଜ୍ୟସ୍ତରୀୟ ଟିମ୍‌ର ଅନୁଧ୍ୟାନ ପାଇଁ ମନୋନୀତ କରାଯାଇ ଥାଏ । ପରେ ରାଜ୍ୟସ୍ତରୀୟ ଟିମ୍ ମାର୍କକୁ ଆଧାର କରି କାୟାକଳ୍ପ ଆୱାର୍ଡ ମିଳିଥାଏ । ଡା. ପ୍ରଭାତୀ ପ୍ରଧାନ, ଆୟୁଷ ନିର୍ଦ୍ଦେଶାଳୟ ପରାମର୍ଶଦାତା ଡା. ଅସିତ କୁମାର ମହାନ୍ତି, ଭୁବନେଶ୍ୱର ଏମସ୍ ଡା. ମୁକୁନ୍ଦ ଚନ୍ଦ୍ର ସାହୁ ଏହି ଟିମ୍‌ରେ ଥିଲେ । ଛତ୍ରପୁର ହସ୍ପିଟାଲ ସୁପରିଣ୍ଟେଣ୍ଡେଣ୍ଟ ଡା. କାହ୍ନୁ ଚରଣ ପାତ୍ର, ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତ ପ୍ରମୁଖ ଏହି ପରିଦର୍ଶନ ବେଳେ ଉପସ୍ଥିତ ଥିଲେ ।


ଧରିତ୍ରୀ ଜନ୍ମଦିନ ବିଶେଷାଙ୍କ

## ‘ଅକଳରେ ଅର୍ଥନୀତି’

ଧରିତ୍ରୀର ୪୬ତମ ଜନ୍ମଦିନ ଅବକାଶରେ ପ୍ରକାଶ ପାଇଛି ଆକର୍ଷଣୀୟ ବାର୍ଷିକ ବିଶେଷାଙ୍କ। ଆର୍ଥିକ ମାନ୍ଦାବସ୍ଥାକୁ ନେଇ ପରିକଳ୍ପିତ ଏହାର ପ୍ରଚ୍ଛଦ ପ୍ରସଙ୍ଗ ‘ଅକଳରେ ଅର୍ଥନୀତି’। ଏଥି ସହିତ ରହିଛି ଜନଜୀବନ, ରାଜନୀତି, ବିଜ୍ଞାନ ଓ ସାହିତ୍ୟକୁ ନେଇ ବହୁ ଗୁରୁତ୍ୱପୂର୍ଣ୍ଣ ଫିଚର, ଆକର୍ଷଣୀୟ ଗଳ୍ପ, ପ୍ରବନ୍ଧ ଏବଂ କବିତା। କ୍ରୀଡ଼ା ଜଗତର ୩ଜଣ ପ୍ରଖ୍ୟାତ ଖେଳାଳି- ଦୂତୀ ଚାନ୍ଦ, ପ୍ରମୋଦ ଭଗତ, ଅମିତ ରୋହିଦାସଙ୍କ ସହିତ ଅନନ୍ୟ ସାକ୍ଷାତ୍‌କାର। ଭାରତର ଭାଷାନୀତି, ଧ୍ୱଂସର ପ୍ରାରମ୍ଭିକ ପର୍ଯ୍ୟାୟରେ ଆମେ, ପୃଥିବୀ ବାହାରେ କେହି ଅଛି କି, ଯୁଦ୍ଧ: ପଥର ଫିଙ୍ଗାରୁ ମହାକାଶ, ୩୭୦ର ବ୍ୟବଚ୍ଛେଦ, ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ, ସ୍ପେସ୍‌ରେସ୍, ନୋବେଲ ପୁରସ୍କାର ୨୦୧୯, ଶରଣାର୍ଥୀ ସଙ୍କଟରେ ବିଶ୍ୱ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ@ ନୂଆ ଠିକଣା ଏବଂ ସିନେମା ଓଡ଼ିଆ ନାୟିକା ଅଣଓଡ଼ିଆ ଭଳି ବହୁ ତଥ୍ୟଧର୍ମୀ ଲେଖାରେ ସମୃଦ୍ଧ ଏହାର କଳେବର। ସମଗ୍ର ୧୨୦ ପୃଷ୍ଠା ରଙ୍ଗୀନ୍ ଓ ସଚିତ୍ର।




ଧରିତ୍ରୀ ବିତରକଙ୍କ ପାଖରେ ବିଶେଷାଙ୍କ ଉପଲବ୍ଧ ହେବ

**ମୂଲ୍ୟ: ଟ ୮୦/-**

**ଯୋଗାଯୋଗ: ବ୍ରହ୍ମପୁର:** ମଳୟ କୁମାର ସାହୁ (୯୯୩୭୬୪୫୮୫୦)
ଦୂରଭାଷ: ୦୬୮୦-୨୫୮୦୧୦୧/୨୫୪୯୩୦୨


# ପକାରୀରେ ଉପନିର୍ବାଚନ ଶେଷ,ଆଜି ଗଣତି

**ଫିରିଙ୍ଗିଆ,୨୭।୧୧**

ଫିରିଙ୍ଗିଆ ବ୍ଲକ ପକାରୀରେ ସରପଞ୍ଚ ଉପ ନିର୍ବାଚନ ବୁଧବାର ଶେଷ ହୋଇଛି। ପୂର୍ବାହ୍ନ ୮ରୁ ଭୋଟ ଗ୍ରହଣ ଆରମ୍ଭ ହୋଇ ମଧ୍ୟାହ୍ନ ୧୨ଟାରେ ଶେଷ ହୋଇଥିଲା। ମୋଟ ୧୨ଟି ୱାର୍ଡରେ ୧୨୯୦ ଜଣ ଭୋଟରଙ୍କ ମଧ୍ୟରୁ ୧୦୫୨ ଜଣ ମତସାବ୍ୟସ୍ତ କରିଥିଲେ। ମୋଟ ଭୋଟ ପ୍ରତିଶତ ୮୧.୫୫ ପ୍ରତିଶତ ରହିଛି। ଗୁରୁବାର ଫଳାଫଳ ପ୍ରକାଶ ପାଇବ। ୪ ନଂ. ୱାର୍ଡ ସିପାଞ୍ଜରୀ, ୬ ଓ ୭ ନଂ ୱାର୍ଡ ଗଂଜୁ ଭୋଟ ଗ୍ରହଣ କେନ୍ଦ୍ରକୁ ଭଲ ରାସ୍ତା ନ ଥିବାରୁ ପୋଲିଂ ପାର୍ଟି ପକାରୀ ସ୍କୁଲ ପାଖରୁ ପ୍ରାୟ ୪ କିମି ପାହାଡିଆ ରାସ୍ତାରେ ଚାଲି ଯାଇଥିଲେ। ସୁଚନାଯୋଗ୍ୟ ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ପକାରୀ ସରପଞ୍ଚ ଭାବେ ଅଙ୍ଗଦ କହଁର ନିର୍ବାଚିତ ହୋଇଥିଲେ। ଚଳିତ ସାଧାରଣ ନିର୍ବାଚନରେ ବିଜେଡି ବିଧାୟକ ଟିକେଟ ପାଇ ଜିତିବାପରେ ସରପଞ୍ଚ ପଦବୀ ଖାଲି ପଡିଥିଲା।

ଭଞ୍ଜନଗରରେ ପାଳ ଟିଭିଏସ୍ ଉଦ୍‌ଘାଟିତ

# ଗ୍ରାହକଙ୍କୁ ଉତ୍କୃଷ୍ଟ ସେବା ଯୋଗାଇବା କମ୍ପାନୀର ମୂଳ ଲକ୍ଷ୍ୟ: ଭଦ୍ରା

**ଭଞ୍ଜନଗର,୨୭।୧୧(ଡି.ଏନ୍.ଏ)**




ଜାତୀୟ ସର୍ଭିସ ପ୍ରବନ୍ଧକ ଇଷ୍ଟ ଜୋନ ବି. ଭଦ୍ରା ନୂଆ ବାଇକ୍‌କୁ ଉଦ୍‌ଘାଟନ କରୁଛନ୍ତି।

ଭାରତର ଅଗ୍ରଣୀ ଦୁଇ ଓ ତିନି ଚକିଆ ଯାନ ନିର୍ମାତା ଟିଭିଏସ୍ ମୋଟର କମ୍ପାନୀ ପକ୍ଷରୁ ବୁଧବାର ଭଞ୍ଜନଗର ବାଇପାସ୍ ରୋଡ ବିଜୁ ପଟ୍ଟନାୟକ ଛକରେ ନୂଆ ଡିଲରଶିପ ପାଳ ଟିଭିଏସ୍ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜାତୀୟ ସର୍ଭିସ ପ୍ରବନ୍ଧକ ଇଷ୍ଟଜୋନ୍ ବି. ଭଦ୍ରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ କହିଥିଲେ, ଗ୍ରାହକଙ୍କୁ ସଦାବେଳେ ଉତ୍କୃଷ୍ଟମାନର ସେବା ଯୋଗାଇ ଦେବା କମ୍ପାନୀର ମୂଳ ଲକ୍ଷ୍ୟ। ଏହି ନୂଆ ଡିଲରଶିପ୍ ଉଦ୍‌ଘାଟନ ଦ୍ୱାରା ଓଡିଶାରେ ଟିଭିଏସ୍ ମୋଟର କମ୍ପାନୀର ଟଚ୍ ପଏଣ୍ଟ ସଂଖ୍ୟା ୩୪କୁ ବୃଦ୍ଧି ପାଇଛି। ୧୬୦ଟି ସ୍ୱୀକୃତିପ୍ରାପ୍ତ ଡିଲର ଓଡିଶାରେ ଅଛି। ପ୍ରଦୂଷଣ କିଭଳି କମ୍ ହେବ ସେହିଭଳି ଯାନ କମ୍ପାନୀ ପକ୍ଷରୁ ନିର୍ମାଣ କରାଯାଉଛି। ଆନ୍ତର୍ଜାତିକ ଅଭିଳାଷ ପୂରଣ କଲାଭଳି ଉତ୍ପାଦ ପ୍ରସ୍ତୁତ କରୁଥିବାରୁ ଆମେ ଗର୍ବିତ। ପୃଥିବୀର ୬୦ଟି ଦେଶରେ ଥିବା ଟଚ୍ ପଏଣ୍ଟରେ ଆମେ ସବୁଠୁ ଉତ୍କୃଷ୍ଟ ମାନର ସେବା ପ୍ରଦାନ କରିବାକୁ ଉଦ୍ୟମ କରୁଛୁ ବୋଲି ଭଦ୍ରା ଖବରଦାତା ସମ୍ମିଳନୀରେ କହିଥିଲେ। ଆଞ୍ଚଳିକ ବାଣିଜ୍ୟ ପ୍ରବନ୍ଧକ ଇଷ୍ଟ ଜୋନ ନୀଳାଞ୍ଚଳ ମହାନ୍ତି ସମ୍ମାନିତ ଅତିଥି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅଞ୍ଚଳ ପ୍ରବନ୍ଧକ ଓଡିଶା ବାପିରାଜୁ ଦେଣ୍ଟୁକୁରୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱୟଂଚାଳିତ ୱାର୍କଶପ୍‌ର ଶୁଭାରମ୍ଭ କରିଥିଲେ। ଆଞ୍ଚଳିକ ସେବା ପ୍ରବନ୍ଧକ ଓଡିଶା, ଝାଡଖଣ୍ଡ ଭି.କେ. ରାୟ ଗ୍ରାହକଙ୍କୁ ନୂଆ ଦୁଇ ଚକିଆ ଯାନ ଚାବି ପ୍ରଦାନ କରିଥିଲେ। ଭଞ୍ଜନଗର ଏମ୍‌ଭିଆଇ ଏସ୍. ରାୟ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପାଳ ଟିଭିଏସ୍‌ର ମାଲିକ ଗୋପାଳ କୃଷ୍ଣ ପାଳ, ସୁଜିତ ପାଳ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବାହ୍ନରେ ସହରରେ କମ୍ପାନୀର ବିଭିନ୍ନ ଦୁଇଚକିଆ ଯାନର ରାଲି ହୋଇଥିଲା।






1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ